## ସଂକ୍ଷେପରେ

### ଯୁବତୀଙ୍କୁ ବଳାତ୍କାର, ଜଣେ ଗିରଫ

**ବ୍ରହ୍ମପୁର ଅଫିସ,୫।୧୧:** ଜନୈକା ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ବଡ଼ବଜାର ଥାନା ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ କୈଳାସନଗରର ଦଣ୍ଡପାଣି ବେହେରା। ମାମଲା ନଂ. ୧୯୩/୧୯ରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ପ୍ରକାଶ ଯେ, ଜଣେ ଯୁବତୀଙ୍କୁ ଦଣ୍ଡପାଣି ବଳାତ୍କାର କରିଥିବା ନେଇ ତାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ କରି ଦଣ୍ଡପାଣିଙ୍କୁ ମଙ୍ଗଳବାର ଗରିଫ କରିଥିଲା। ଡ଼ାକ୍ତରୀ ମାଇନା କରିବା ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି।

### ୨ ଚୋର ଗିରଫ, ରେଳ ସାମଗ୍ରୀ ଜବତ

**ବ୍ରହ୍ମପୁର ଅଫିସ,୫।୧୧:** ରେଳବାଇ ସୁରକ୍ଷା ବଳ (ଆରପିଏଫ) ମଙ୍ଗଳବାର ୨ ଜଣ ଚୋରଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଗଞ୍ଜାମର ସନ୍ଦୀପ ସାହୁ ଓ ଗଞ୍ଜମ ଥାନା ଅନ୍ତର୍ଗତ ପୁଦୁଙ୍ଗି ଗ୍ରାମର ମହେନ୍ଦ୍ର ଗୌଡ଼। ୩ ମସ ତଳେ ଖୋର୍ଦ୍ଧା ପୋଲିସ ସନ୍ଦୀପଙ୍କୁ ଏକ ଚୋରି ମାମଲାରେ ଗିରଫ କରିବା ସହ ତାଙ୍କ ନିକଟରୁ ୪୪ ମୋବାଇଲ ଫୋନ ଜବତ କରିଥିଲା। ଆରପିଏଫ ମଙ୍ଗଳବାର ସେମାନଙ୍କଠାରୁ ଚୋରି କରି ନେଉଥିବା ରେଳ ସାମଗ୍ରୀ ଜବତ କରିଛି। ମାମଲା ନଂ. ୭/୧୯ରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ଦିଲୀପ କୁମାର ସୂଚନା ଦେଇଛନ୍ତି।

### ସମ୍ଭାବ୍ୟ ବାତ୍ୟା ନେଇ କର୍ମଚାରୀଙ୍କ ଛୁଟି ବାତିଲ

**ଛତ୍ରପୁର,୫।୧୧(ଡି.ଏନ.ଏ.):** ସମ୍ଭାବ୍ୟ ବାତ୍ୟା ନେଇ ଗଞ୍ଜାମ ଜିଲାର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଛୁଟିକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବାତିଲ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରୁ କୌଣସି ଅଧିକାରୀ ଓ କର୍ମଚାରୀ ହେଡକ୍ୱାର୍ଟର ନ ଛାଡିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସନ୍ଧ୍ୟାରେ ଜିଲାପାଳ ତାଙ୍କ ପ୍ରକୋଷ୍ଠରେ ଏକ ଆଲୋଚନା ବୈଠକ କରିଥିଲେ। ଏଥିରେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ, ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର, ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତାତ୍ରୟ ଭାଉସାହେବ ପ୍ରମୁଖ ଉପସ୍ଥିତ ଥିଲେ ।

### ଗୋମାତା ପୂଜନ ଉତ୍ସବ

**ଆସିକା,୫।୧୧(ଡି.ଏନ୍.ଏ.):** କରଞ୍ଜେଇ ପାହାଡ ପାଦଦେଶରେ ପ୍ରତିଷ୍ଠିତ ମା କରଞ୍ଜେଇ ଗୋ ସଂରକ୍ଷଣ ଓ ଗୋ ବିଜ୍ଞାନ କେନ୍ଦ୍ରରେ ସୋମବାର ଗୋଷ୍ଠାଷ୍ଟମୀ ଅବସରରେ ଗୋମାତା ପୂଜନ କାର୍ଯ୍ୟକ୍ରମ ହୋଇଥିଲା । ଗୋମାତାଙ୍କୁ ପୂଜାର୍ଚ୍ଚନା ସହ ଗୋପାଳ ସହସ୍ରନାମ ପାଠ କରାଯାଇଥିଲା । ଗୋସେବା ଦ୍ୱାରା ସକଳ ଅଭିଷ୍ଟ ସାଧନ ହେଉଥିବାରୁ ସେମାନଙ୍କ ସୁରକ୍ଷା ନିମନ୍ତେସମସ୍ତେ ଯତ୍ନବାନ ହେବାକୁ ଆହ୍ୱାନ ଦିଆଯାଇଥିଲା। ସମିତିର ସଭାପତି ଡାକ୍ତର ପ୍ରଭାକର ସାହୁ, ସମ୍ପାଦକ କମଳାକ୍ଷ ମହାରାଜ, ଆରଏସ୍‌ଏସ୍ ସେବା ପ୍ରମୁଖ ସୀମାଞ୍ଚଳ ମିଶ୍ର, ଅନନ୍ତ ମହାରଣା, ମହନ୍ତ ହରିହର ଦାସ, ଅଟଳ ବିହାରୀ ଦାସ, ମନୋରଞ୍ଜନ ପାଢୀ, କରୁଣାକର ବାଡତ୍ୟା, କାମେଶ୍ୱର ଦଳାଇ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉତ୍ସବ ପାଳିତ ହୋଇଥିଲା ।

# ବିନୋଦିନୀ ଚିଟ୍‌ଫଣ୍ଡ ସଂସ୍ଥାର ୧୦କୋଟି ଠକେଇ

## ଏସ୍‌ଡିପିଓଙ୍କ ଦ୍ୱାରସ୍ଥ ହେଲେ ଜମାକାରୀ

**ବ୍ରହ୍ମପୁର ଅଫିସ,୫।୧୧**

ଚିଟଫଣ୍ଡ ସଂସ୍ଥାଗୁଡିକ ଗଞ୍ଜାମ ଜିଲାର ହଜାର ହାଜର ଜମାକାରୀଙ୍କ କୋଟି କୋଟି ଟଙ୍କା ଠକି ନେଇଛନ୍ତି। ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅଯୋଧ୍ୟାନଗର ପ୍ରଥମ ଲେନ୍‌ରେ ଖୋଲିଥିବା ବିନୋଦିନୀ ପ୍ରାଇଭେଟ ଲିମିଟେଡ଼ ନାମକ ଏକ ଅର୍ଥ ଲଗାଣକାରୀ ସଂସ୍ଥା ଚିକିଟି ନିର୍ବାଚନ ମଣ୍ଡଳୀ, ପାତ୍ରପୁର ବ୍ଲକ ଅଞ୍ଚଳର ଶତାଧିକ ଆଦିବାସୀ ଜମାକାରୀଙ୍କଠାରୁ ୧୦ କୋଟି ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ଜମାକାରୀଙ୍କ ମଧ୍ୟରୁ ଏକ ୧୦ ଜଣିଆ ପ୍ରତିନିଧି ଦଳ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ସେଠାରେ ସେମାନେ ବ୍ରହ୍ମପୁର ଏସ୍‌ଡ଼ିପିଓ ବିଷ୍ଣୁପ୍ରସାଦ ପତିଙ୍କୁ ଭେଟିଥିଲେ। ଉକ୍ତ ସଂସ୍ଥାର ଏଜେଣ୍ଟ ଦେବରାଜ ମହାରଣା କିଛିବର୍ଷ ତଳେ ଜରଡ଼ା ଥାନା ଅନ୍ତର୍ଗତ ସୁରଡା, ଗୋଲାଣି ବିଲେଇଛାଇ ଆଦି ଗ୍ରାମକୁ ଯାଇ ଆଦିବାସୀ ଲୋକଙ୍କୁ ବିନୋଦିନୀ ପ୍ରାଇଭେଟ ଲିମିଟେଡ଼ରେ ଟଙ୍କା ଜମା କରିବାକୁ କହିଥିଲେ। ୨ ବର୍ଷରେ ଏହା ୩ ଗୁଣ ଓ ୩ ବର୍ଷରେ ୫ ଗୁଣ ଟଙ୍କା ମିଳିବ ବୋଲି ଲୋଭ ଦେଖାଇଥିଲେ। ଉକ୍ତ ସଂସ୍ଥାରେ ଲୋକମାନେ ଟଙ୍କା ଜମା କରିଥିଲେ। ଫେରସ୍ତ ସମୟ ୨୦୧୭ରେ ସଂସ୍ଥା ଉଭାନ ହୋଇଯାଇଥିଲା। କ୍ଷତିଗ୍ରସ୍ତ ଜମାକାରୀ ଅଭି ଶବର, ଚନ୍ଦ୍ରମଣି ଶବର, ସତ୍ୟ ଶବର, କାଞ୍ଚନ ଶବର, ଜୟଦୀପ ଶବର, ଭାସ୍କର ଶବର, ବୃନ୍ଦାବନ ଶବର, ଗୁଡିଆ ଶବର, ସହଦେବ ଶବର ଓ ପର୍ଶୁରାମ ଶବର ମଙ୍ଗଳବାର ଆଇନଜୀବୀ ଦୟାନିଧି ପାଣିଗ୍ରାହୀଙ୍କ ସହାୟତାରେ ଏସ୍‌ଡ଼ିପିଓ ପତିଙ୍କୁ ଭେଟି ଟଙ୍କା ଫେରସ୍ତ ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ।

ଏନେଇ ଏସ୍‌ଡ଼ିପିଓ ପତି କୁହନ୍ତି, ବିନୋଦିନୀ ଚିଟଫଣ୍ଡ ସଂସ୍ଥା ବିଭିନ୍ନ ରାଜ୍ୟରେ ଜମାକାରୀଙ୍କୁ ଠକେଇ କରିଛି। ଉକ୍ତ ସଂସ୍ଥା ନିର୍ଦ୍ଦେଶକ ଧରାକୋଟ ଥାନା ଅନ୍ତର୍ଗତ ରୁଗୁମୁର ଧୀରେନ ସ୍ୱାଇଁ, ତାଙ୍କ ସ୍ତ୍ରୀ ସଙ୍ଗୀତା ସ୍ୱାଇଁ, ଭାଇ ହିତେନ ସ୍ୱାଇଁ ଓ ଶଳା ବିନୋଦ ସ୍ୱାଇଁ ଅଟନ୍ତି। ସେମାନଙ୍କ ନାମରେ ସୁରଟର କେତେକ କ୍ଷତିଗ୍ରସ୍ଥ ଜମାକାରୀ ୨୦୧୮ ମାର୍ଚ୍ଚ ୧୪ରେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପୃଥକ ନଂ. ୬୩/୧୮ ଓ ୬୪/୧୮ରେ ଦୁଇଟି ମାମଲା ରୁଜୁ କରିଛି। ମଙ୍ଗଳବାର ଜରଡ଼ା ଅଞ୍ଚଳର ଜମାକାରୀଙ୍କ ଏହି ଅଭିଯୋଗଟି ଉକ୍ତ ମାମଲାରେ ଯୋଡି ଦିଆଯାଇଛି ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ଛତିଶଗଡ଼ ପୋଲିସ ମଣିକପୁର ଥାନା କେସ୍ ନଂ. ୪୧୯/୧୮ ଅନୁସାରେ ବିନୋଦିନୀ ଚିଟଫଣ୍ଡ ସଂସ୍ଥା ମୁଖ୍ୟ ଧୀରେନଙ୍କୁ ନୂଆଦିଲ୍ଲୀର ନୋଇଡା ଅଞ୍ଚଳରୁ ମେ ୩୧ ତାରିଖରେ ଗିରଫ କରିଥିଲା। ସେହିପରି ତାଙ୍କ ଭାଇ ହିତେନଙ୍କୁ ଜୁଲାଇ ୧୦ରେ ରାୟପୁରରୁ ଗିରଫ କରିଥିଲା। ଉଭୟ ଅଭିଯୁକ୍ତ ଏବେ କୋରବା ଜେଲରେ ଅଛନ୍ତି। ସେହିପରି ବ୍ରହ୍ମପୁର ଓପିଆଇଡ଼ି କୋର୍ଟ ପକ୍ଷରୁ କୋରବା ଜେଲରେ ଥିବା ଧୀରେନ ଓ ତାଙ୍କ ଭାଇ ହିତେନଙ୍କୁ ବ୍ରହ୍ମପୁର ଆଣି କୋର୍ଟରେ ହାଜର ପାଇଁ ନିର୍ଦ୍ଦେଶ ଥିଲା। ହେଲେ ସେମାନଙ୍କ ବିରୋଧରେ ସେଠାକାର କୋର୍ଟରେ ଚାର୍ଜଫ୍ରେମ ହୋଇ ନ ଥିବାରୁ ବ୍ରହ୍ମପୁର ପୋଲିସର ଏକ ଟିମ୍ ଯାଇ ନିରାଶ ହୋଇ ଫେରିଛି। ଏଣୁ ପୁଣି ଥରେ ଓପିଆଇଡ଼ି କୋର୍ଟ ବିନୋଦିନୀ ଚିଟଫଣ୍ଡ ସଂସ୍ଥା ୨ ନିର୍ଦ୍ଦେଶକ ଭାଇଙ୍କୁ ବ୍ରହ୍ମପୁର ଆଣିବା ପାଇଁ ଗତ ୨ ତାରିଖରେ ନିର୍ଦ୍ଦେଶ ଦେଇଥିବା ଏସ୍‌ଡ଼ିପିଓ ପତି କହିଛନ୍ତି।



ଅଭିଯୋଗ କରିବାକୁ ଆସିଥିବା ଜମାକାରୀମାନେ ।

# ବ୍ରହ୍ମପୁରରେ ବିଧାନସଭା ଗୃହ କମିଟି ଶିଶୁ ଗୃହର କଲେ ସମୀକ୍ଷା

**ବ୍ରହ୍ମପୁର ଅଫିସ୍,୫।୧୧**

ମହିଳା ଏବଂ ଶିଶୁ ବିକାଶ ବିଧାନସଭା ଗୃହ କମିଟି ଦୁଇ ଦିନିଆ ଗସ୍ତରେ ମଙ୍ଗଳବାର ବ୍ରହ୍ମପୁରରେ ପହଞ୍ଚିଥିଲେ। କମିଟି ଅଧ୍ୟକ୍ଷା ତଥା ଚିକିଟି ବିଧାୟିକା ଉଷା ଦେବୀଙ୍କ ନେତୃତ୍ୱରେ ସଭ୍ୟ ତଥା କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଏବଂ କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ୍ ରହିଛନ୍ତି। ଏହି କମିଟି ପ୍ରଥମେ ଉତ୍କଳ ବାଳାଶ୍ରମରେ ପହଞ୍ଚିଥିଲେ। ସେଠାରେ ରହୁଥିବା ଅନ୍ତେବାସୀଙ୍କ ସହ ଆଲୋଚନା କରିଥିଲେ । ବାଳାଶ୍ରମରେ ଶିଶୁଙ୍କ ପାଇଁ ଥିବା ସୁବିଧା ବିଷୟରେ ପଚାରି ବୁଝିଥିଲେ । ସୁସ୍ଥ ବାତାବରଣ, ଶିକ୍ଷାଦାନ ବ୍ୟବସ୍ଥା, ଖାଦ୍ୟ ସହ ସୁରକ୍ଷା ସମ୍ପର୍କରେ ଅନ୍ତେବାସୀଙ୍କ ସହ କମିଟି ସଦସ୍ୟମାନେ କଥା ହୋଇଥିଲେ। ଏଥିସହ ବାଳାଶ୍ରମ କର୍ତ୍ତୃପକ୍ଷ ବିଭିନ୍ନ ସୁବିଧା ସମ୍ପର୍କରେ କମିଟିର ଦୃଷ୍ଟି ଆକର୍ଷଣ କରିଥିଲେ। ପରେ କମିଟି ସଦସ୍ୟମାନେ ପର୍ଯ୍ୟବେକ୍ଷଣ ଆବାସ ଏବଂ ସ୍ୱତନ୍ତ୍ର ଆବାସ ପରିଦର୍ଶନରେ ଯାଇଥିଲେ। ସେଠାରେ ମଧ୍ୟ ଅନ୍ତେବାସୀଙ୍କ ସହ ଆଲୋଚନା କରିଥିଲେ । ଏ ସମ୍ପର୍କରେ ଅଧ୍ୟକ୍ଷା ଉଷା ଦେବୀ କହିଛନ୍ତି, ଶିଶୁ ଗୃହଗୁଡ଼ିକରେ ଅନ୍ତେବାସୀଙ୍କ ସ୍ଥିତି ସମ୍ପର୍କରେ ପରିଦର୍ଶନ ବେଳେ ସମୀକ୍ଷା କରାଯାଇଛି। ସୁସ୍ଥ ବାତାବରଣକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ଅନେକ ବିଷୟରେ ତଥ୍ୟ ସଂଗ୍ରହ କରାଯାଇଛି। ଜିଲାପାଳଙ୍କ ସହ ଏନେଇ ଆଲୋଚନା କରାଯିବ ।



କମିଟି ସଦସ୍ୟାମାନେ ଉତ୍କଳ ବାଳାଶ୍ରମ ପରିଦର୍ଶନ କରୁଛନ୍ତି ।



ବ୍ରହ୍ମପୁର ଟେବୁଲ୍ ଟେନିସ୍ ଦଳର ଖେଳାଳିମାନେ ।

# ରାଜ୍ୟ ପ୍ରତିଯୋଗିତାରେ ଭାଗନେବ ବ୍ରହ୍ମପୁର ଟିଟି ଦଳ

**ବ୍ରହ୍ମପୁର ଅଫିସ୍,୫।୧୧**

କଟକର ଜବାହରଲାଲ୍ ଇନ୍‌ଡୋର୍ ଷ୍ଟାଡିୟମ୍‌ରେ ବୁଧବାରରୁ ଶନିବାର ପର୍ଯ୍ୟନ୍ତ ୨୫ତମ ଆନ୍ତଃଜିଲା ଟେବୁଲ୍ ଟେନିସ୍ ଚାମ୍ପିୟନ୍‌ଶିପ୍ ଆୟୋଜିତ ହେବ। ଏଥିରେ ବ୍ରହ୍ମପୁର ଟେବୁଲ୍ ଟେନିସ୍ (ଟିଟି) ସଂଘ ଭାଗନେଉଛି। ଜୁନିୟର୍, ସବ୍‌ଜୁନିୟର୍ ଏବଂ ସିନିୟର୍ ଦଳ ଚୟନ ହୋଇଯାଇଛିଗ। ମଙ୍ଗଳବାର ଖେଳାଳିମାନେ କଟକ ଯାତ୍ରା କରିଛନ୍ତି। ଦଳରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଜ୍ୟୋତିରାଣୀ ଦୋରା, ସୋନାଲି ପ୍ରଧାନ, ପ୍ରୀତି ଶ୍ରଦ୍ଧା ମାଝି ଏବଂ ରୂପେଶ ପାଢୀ ଓ କୁସୁମି ଆଦର୍ଶ ବିଦ୍ୟାଳୟର ପତିତପାବନ ପାତ୍ର, ଗୋପାଳପୁର ଆର୍ମି ପବ୍ଲିକ ସ୍କୁଲର ଅମନ କୁମାର ଉପାଧ୍ୟାୟ ଏବଂ ଗଗନ କୁମାର ଉପାଧ୍ୟାୟ, ପୀତାତଳି ଆଦର୍ଶ ବିଦ୍ୟାଳୟର ଶୁଭମ୍ ପ୍ରଧାନ, କେ.ସନ୍ଦୀପ କୁମାର ବେହେରା ଏବଂ ଉତ୍କଳ ପଟ୍ଟନାୟକ ରହିଛନ୍ତି। ଦଳ ସହ ମ୍ୟାନେଜର ଭାବେ ଶୁଭଶ୍ରୀ ପ୍ରିୟଦର୍ଶିନୀ ଏବଂ କୋଚ୍ ଦିଲ୍ଲୀପ କୁମାର ବେହେରା ଯାତ୍ରା କରିଛନ୍ତି। ଖେଳାଳିଙ୍କୁ ବ୍ରହ୍ମପୁର ଟେବୁଲ୍ ଟେନିସ ସଂଘ ପକ୍ଷରୁ ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଣ୍ଡା, ଅଧ୍ୟକ୍ଷ ରବି ଚରଣ ମିଶ୍ର, ସଭାପତି ସଞ୍ଜୟ କୁମାର ବିଷୋୟୀ, ସମ୍ପାଦକ ଦୁଷ୍ମନ୍ତ ପାଢୀ, ଯୁଗ୍ମ ସମ୍ପାଦକ ସନ୍ନି ଅଗ୍ରୱାଲ୍, ଏ.ତେଜ୍, ମଧୁସୂଦନ ମିଶ୍ର, ଦିଲ୍ଲୀପ ବେହେରା, ଆଶିଷ ସାହୁ ଓ ପିଣ୍ଟୁ ବେହେରା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

## ପୌର ନିଗମ ଆଇନରେ ହେଉନି ସଂଶୋଧନ

# ଅନିଶ୍ଚିତତା ହୋଇଛି ପୌର ନିର୍ବାଚନ

**ବ୍ରହ୍ମପୁର ଅଫିସ,୫।୧୧**

- ଆଶାୟୀଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ
- ପ୍ରଶାସକଙ୍କ ହାତରେ ବିଏମ୍‌ସିର ଭାଗ୍ୟ

ବ୍ରହ୍ମପୁର ମହାନଗର ନିଗମରେ ୨୦୧୩ରେ ହୋଇଥିବା ପୌର ନିର୍ବାଚନର ୫ ବର୍ଷ କାର୍ଯ୍ୟକାଳ ୨୦୧୮ ସେପ୍ଟେମ୍ବର ୩୦ରେ ଶେଷ ହୋଇଛି । ସେହିବର୍ଷ ଅକ୍ଟୋବର ୧ରୁ ପରିଚାଳନା ଦାୟିତ୍ୱ ସରକାରଙ୍କ ହାତକୁ ଯାଇଛି। ଗଞ୍ଜାମ ଜିଲାପାଳଙ୍କୁ ପ୍ରଶାସକ ଭାବେ ଅବସ୍ଥାପିତ କରାଯାଇଛି। ଏହାର ୧୩ ମାସ ବିତିଯାଇଥିଲେ ମଧ ପୌର ନିର୍ବାଚନ କେବେ ହେବ ତାହା ଅନିଶ୍ଚିତ ହୋଇଯାଇଛି। ଅପରପକ୍ଷରେ ପୌର ଆଇନରେ ହେବାକୁ ଥିବା ସଂଶୋଧନ ବିଳମ୍ବ ହେଉଥିବାରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବାରେ ସମସ୍ୟା ସୃଷ୍ଟିକରିଛି ।

ସୂଚନାଯୋଗ୍ୟ, ପ୍ରଚଳିତ ଆଇନରେ ଥିବା ବ୍ୟବସ୍ଥାରେ ୱାର୍ଡସ୍ତରରେ ସଂରକ୍ଷଣ ୫୦%ରୁ ଅଧିକ ହୋଇଛି। ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ପ୍ରକାରେ ସମସ୍ତ ପୌରସଂସ୍ଥାରେ ସଂରକ୍ଷଣ ବ୍ୟବସ୍ଥା ୫୦% ଭିତରେ ରହିବା ବାଧ୍ୟତାମୂଳକ କରାଯାଇଛି। ତେଣୁ ଓଡ଼ିଶା ମ୍ୟୁନିସିପାଲ ଆକ୍ଟ ୧୯୫୦ ଏବଂ ଓଡ଼ିଶା ମ୍ୟୁନିସିପାଲ କର୍ପୋରେଶନ ଆକ୍ଟ ୨୦୦୩ ସଂଶୋଧନର ଆବଶ୍ୟକତା ରହିଛି। ତେବେ ପୌରସଂସ୍ଥାଗୁଡ଼ିକର କାର୍ଯ୍ୟକାଳ ସରିବାର ବର୍ଷେ ବିତିବା ମଧ୍ୟରେ ବିଧାନସଭା ଅଧିବେଶନ ପରେ ଅଧିବେଶନ ହୋଇଥିଲେ ମଧ ସଂଶୋଧନ ଲାଗି ବିଲ ଆଗତ ହେଉ ନ ଥିବା ଉଦ୍‌ବେଗର କାରଣ ହୋଇଛି।

ମହାନଗରରେ ବର୍ତ୍ତମାନ ୪୦ ୱାର୍ଡ ରହିଛି। ଆଗାମୀ ନିର୍ବାଚନ ବେଳକୁ ଏହି ସଂଖ୍ୟା ବଢ଼ିବାର ଆଶା କରାଯାଇଥିଲା। ତେବେ ସଂରକ୍ଷଣ ବ୍ୟବସ୍ଥା ୫୦% ମଧ୍ୟରେ ସୀମିତ ରହିଲେ ବୃଦ୍ଧି ନ ହୋଇ ପୂର୍ବ ସ୍ଥିତି ରହିବାର ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ୨୦୧୩ ନିର୍ବାଚନରେ ବିଜେଡିରୁ ୨୪, କଂଗ୍ରେସରୁ ୧୫ ଓ ଜଣେ ସ୍ୱାଧୀନ କର୍ପୋରେଟର ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ କଂଗ୍ରେସ କର୍ପୋରେଟରମାନେ ବିଜେଡିରେ ସାମିଲ ହେଲେ। ନିଗମ କାର୍ଯ୍ୟକାଳ ଶେଷ ବେଳକୁ ପୂର୍ବରୁ ହୋଇଥିବା ୨୬ନଂ. ୱାର୍ଡ ଉପନିର୍ବାଚନରେ ଭାଜପାରୁ ଜଣେ ମହିଳା ଜିତିଥିଲେ। ତେଣୁ ଶେଷ ପର୍ଯ୍ୟାୟରେ ନିଗମରେ ବିଜେଡି ସଂଖ୍ୟା ୩୮ ହୋଇଥିଲା। ୨୦୧୩ ପୌର ନିର୍ବାଚନ ବିଜେଡି ଓ କଂଗ୍ରେସ ମଧ୍ୟରେ ଟକ୍କର ହୋଇଥିଲା। ଆଗାମୀ ନିର୍ବାଚନରେ ବିଜେଡି ଓ ଭାଜପା ମଧ୍ୟରେ ଲଢ଼େଇ ହେବାର ଏବେଠୁ ବିଭିନ୍ନ ମହଲରେ ଆକଳନ କରାଯାଉଛି।

ସରକାର ନିର୍ବାଚନ ଘୋଷଣା କରୁ ନ ଥିବାରୁ ପୂର୍ବତନ କର୍ପୋରେଟର ଓ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଖୋଲାଖୋଲି କେହି ସମାଲୋଚନା କରୁ ନ ଥିଲେ ମଧ୍ୟ ବିଜେଡି ସଭ୍ୟ ସଂଗ୍ରହ ଅଭିଯାନକୁ ଏହା ପ୍ରଭାବିତ କରିଛି। ସେପ୍ଟେମ୍ବର ୨ରୁ ଆରମ୍ଭ ହୋଇଥିବା ଅଭିଯାନ ମାସେ ଚାଲିବାର କାର୍ଯ୍ୟକ୍ରମ ଥିଲା। ଅକ୍ଟୋବର ଶେଷ ଯାଏ ବଢ଼ାଇ ଦିଆଯାଇଥିଲା। ମହାନଗରରେ ଆଶାନୁରୂପ ନୂଆ ସଭ୍ୟ ସଂଗ୍ରହ ହୋଇ ନ ଥିବାରୁ ଆଉ ୩ ସପ୍ତାହ ବୃଦ୍ଧି କରାଯାଇଛି। ତେବେ ଦଳର ନୂଆ ସଦସ୍ୟ ସଂଖ୍ୟା ବଢ଼ି ଚାଲିଥିବା ମହାନଗର ବିଜେଡି ସଭାପତି ବିଜୟ ଚନ୍ଦ୍ର ସାମଲ ସୂଚାଇଛନ୍ତି।

UTKAL UNIVERSITY
NAAC ACCREDITED A+
New Campus (Rural), Chandikhole
No. NC/24/30998/2019 Dated: 05.11.2019
B.Sc. Nursing Course (4 years)
ADMISSION NOTICE FOR 2019-2020
Utkal University announces admission into 4 years full time B.Sc. Nursing course in Department of Public Health / School of Nursing & Allied Health Science at its New Campus, (Rural) Chandikhole for academic session 2019-2020. The candidate should be passed +2 Science with Biology having 45% marks in aggregate (40% for SC/ST/PH Category). Admission to this course is based upon Entrance Test cum Career. Candidates qualifying in B.Sc. Nursing entrance examination conducted by the Directorate of Nursing, Government of Odisha may also be considered on merit. Prescribed Application form along with prospectus can be downloaded from Utkal University website **www.utkaluniversity.nic.in.** Last date of submission of the filled in prescribed application form along with self attested documents is **20 November 2019** along with application fee in the form of DD/BC of Rs. 600/- (six hundred) only may be drawn in favour of **"A.O, P.G. Council, Utkal University"**. Date of Entrance is **25 November 2019.** The publication of result is **29 November 2019**.The admission date is **4 December 2019.** Any query regarding admission, please contact Course Coordinator at **uumphnc@gmail.com** / 9437100813.
**Chairperson, P.G. Council**
Utkal University




# ସିଟି କଲେଜ ରାଜନୀତି ବିଜ୍ଞାନ ବିଭାଗର ଆଲୋଚନାଚକ୍ର

**ବ୍ରହ୍ମପୁର ଅଫିସ,୫।୧୧**

ବ୍ରହ୍ମପୁର ସିଟି କଲେଜ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଅନ୍ତର୍ଭୁକ୍ତି ଗଣତନ୍ତ୍ର ଉପରେ ଏକ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ପୁଷ୍ପାଞ୍ଜଳି ସାବତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ଷେତ୍ରମୋହନ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁଶାନ୍ତ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଆସିକା ବିଜ୍ଞାନ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ଅଧ୍ୟାପକ ଡ଼.ଅଭୟ ପରିଛା ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ସମୟାନୁବର୍ତ୍ତୀ ହେବା ସହ ମୋବାଇଲ ଫୋନଠାରୁ ଦୂରେଇ ରହିବାକୁ ମୁଖ୍ୟଅତିଥି ପରାମର୍ଶ ଦେଇଥିଲେ। ଯୁକ୍ତ ୩ ଛାତ୍ରୀ ରେଷ୍ମା ସାହୁ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ରାଜନୀତି ବିଜ୍ଞାନ ମୁଖ୍ୟ ସୁରେନ୍ଦ୍ର କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ମମତା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଡ.ପ୍ରକାଶ ଚନ୍ଦ୍ର ମହାପାତ୍ର, ସଚ୍ଚିଦାନନ୍ଦ ଦାସଙ୍କ ସମେତ କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ ସହଯୋଗ କରିଥିଲେ। ଅଧ୍ୟାପକ ଡ. କୃଷ୍ଣଚନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।




ମଞ୍ଚାସୀନ ଅତିଥି ।

## ମନେ ପଡ଼ନ୍ତି

**ଶ୍ରଦ୍ଧାଞ୍ଜଳି**



୰ ଅରୁଣ କିଶୋର ଶତପଥୀ
ଆବିର୍ଭାବ: ଫେବୃୟାରୀ ୧୫, ୧୯୪୮
ତିରୋଧାନ: ଅକ୍ଟୋବର ୨୮, ୨୦୧୯
ଆପଣଙ୍କର ଭଲ ମଣିଷପଣିଆ ଓ ଭଲ ପାଇବା ନିଆରା। ଆମେ ସମସ୍ତେ ବ୍ୟକ୍ତିଗତ ଭାବରେ ଜୀବନ ଥିବାଯାଏ ତାହା ଭୁଲିପାରିବୁ ନାହିଁ। ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, 'ଆପଣ ଯେଉଁଠି ବି ଥାଆନ୍ତୁ ଖୁସିରେ ଥାଆନ୍ତୁ' ତାଙ୍କର ସାନ୍ନିଧ ଲାଭ କରନ୍ତୁ।
ବନ୍ଧୁ ଓ ପରିବାରବର୍ଗ
ଓଁ ନେତ୍ର ମନ୍ଦିର | ଷ୍ଟାର ଅପ୍‌ଟିକାଲ୍
ବାପୁଜୀ ନଗର, ଭୁବନେଶ୍ୱର
ଧ-୧୫୦୮୮

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଚିତ୍ତରଞ୍ଜନ ପାତ୍ର (ବାଦଲ୍)
କୁଦାନଗରୀ, କେନ୍ଦ୍ରାପଡା
ଆବିର୍ଭାବ: ୨୩।୦୨।୬୬
ତିରୋଧାନ: ୨୬।୧୦।୧୯
ସମୟର ସ୍ରୋତରେ ଆପଣଙ୍କ ପାର୍ଥିବ ଶରୀର ନଥିଲେ ମଧ୍ୟ ଆପଣ ଅମର। ଆପଣ ଆମରି ଭିତରେ ପ୍ରତି ନିଃଶ୍ୱାସରେ, ବିଶ୍ୱାସରେ, ମନରେ, ହୃଦୟରେ, ମାତ୍ର ଅଦୃଶ୍ୟରେ ସର୍ବଦା ସ୍ମରଣୀୟ। ଆଜିର ଏହି ପୂଣ୍ୟ ଦ୍ୱାଦଶାହ ତିଥିରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ଧର୍ମପତ୍ନୀ, ବୋଉ, ଚନ୍ଦନ, ପ୍ରମନ, ମାଖନ, ରୁନା, ପୁସୀ, ମମି, ବନି, ରାନୀ, ଖୁସି, ପ୍ରତିକ୍, ଅନିଶ୍ ଓ ଆତ୍ମୀୟସ୍ୱଜନ ।
ଧ-୧୫୧୦୪

**୪ର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



ସ୍ୱର୍ଗତ ଗୋପୀନାଥ ପଣ୍ଡା
ଟେଲି କମ୍ୟୁନିକେଶନ ଇଂଜିନିୟର
N6-୫୦୫, ଜୟଦେବ ବିହାର, ଭୁବନେଶ୍ୱର
ତିରୋଧାନ: କାର୍ତ୍ତିକ ବଡ ଦଶମୀ ଓ ବଡ ଏକାଦଶୀ
ତୁମ ଅମର ଆତ୍ମାର ଚିରଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀ ସତ୍ୟସାଇବାବାଙ୍କ ନିକଟରେ ଆକୁଳ ପ୍ରାର୍ଥନା କରିବା ସଙ୍ଗେ ସଙ୍ଗେ ତୁମ ନିକଟରେ ଅଜସ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
**ଶୋକସନ୍ତପ୍ତ**
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୫୦୯୨

## ସଂକ୍ଷେପରେ

### ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

**ଚିକିଟି,୫।୧୧(ଡି.ଏନ.ଏ.):** ଚିକିଟିଗଡ ସ୍ଥିତ ମହାବିଦ୍ୟାଳୟ ପରିସରରେ ୟୁଥ୍ ରେଡକ୍ରସ ସୋସାଇଟି ପକ୍ଷରୁ ଅଧକ୍ଷ ଡ. ବିଚିତ୍ର ପଟ୍ଟନାୟକଙ୍କ ଅଧକ୍ଷତାରେ ଶନିବାର ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାତୀୟ ସେବା ଯୋଜନାର ଅଧିକାରୀ ସୁନୀଲ କୁମାର ପଣ୍ଡା, ପ୍ରକାଶ ବେହେରା, ଡ.ସୁଜାତା ସାମନ୍ତରା, ଲକ୍ଷ୍ମଣ ବେହେରା, ୟୁଥ୍ ରେଡକ୍ରସ ସୋସାଇଟିର ଉପଦେଷ୍ଟା ସନାତନ ଗୌଡ, ସଂଯୋଜକ ଆଶୁତୋଷ ସାହୁ, ସହ ସଂଯୋଜକ ରାଜେଶ ଆଚାରୀ ପ୍ରମୁଖ ଯୋଗଦେଇ ଚିକିଟିଗଡ, ପେଣ୍ଠ, ଧାନଘର ଆଦି ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟକୁ ଯାଇ ଦୁର୍ନୀତି ନିବାରଣ ଉପରେ ସଚେତନତା କରାଇଥିଲେ। ପରେ ମହାବିଦ୍ୟାଳୟରେ ଏକ ସଭାର ଆୟୋଜନ ହୋଇଥିଲା। ଉକ୍ତ ସଭାରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଆଇଜି ବିପ୍ରଚରଣ ଆଚାର୍ଯ୍ୟ ଯୋଗଦେଇ ଦୁର୍ନୀତିର କୁପ୍ରଭାବ ଉପରେ କହିଥିଲେ। ଏହି ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଦୁର୍ନୀତି ନିବାରଣ ସମ୍ପର୍କୀୟ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧାପିକା ଅଧାପକ, ଛାତ୍ରୀଛାତ୍ରମାନଙ୍କୁ ଦୁର୍ନୀତି ନିବାରଣ ସମ୍ପର୍କିତ ଶପଥପାଠ କରାଇଥିଲେ।

### ମାଣ୍ଡିଆ, ମକାଛଡ଼ା ଯନ୍ତ୍ରର ସଫଳ କ୍ଷେତ୍ର ପ୍ରଦର୍ଶନ



**ଆର୍.ଉଦୟଗିରି,୫।୧୧(ଡି.ଏନ.ଏ.):** କୃଷି ବିଜ୍ଞାନ କେନ୍ଦ୍ର ଗଜପତି ଏବଂ ସର୍ବଭାରତୀୟ ସମନ୍ୱିତ ଗବେଷଣା ପ୍ରକଳ୍ପ (କୃଷି ଶ୍ରମ ବିଜ୍ଞାନ ଓ ସୁରକ୍ଷା), ଓୟୁଏଟିର ମିଳିତ ସହଯୋଗରେ ଆର.ଉଦୟଗିରି ବ୍ଲକର ସବରପଲ୍ଲୀ ପଞ୍ଚାୟତର ଅନୁକମ୍ପା ଗ୍ରାମରେ ପଦଚାଳିତ ମକା ଏବଂ ମାଣ୍ଡିଆ ଛଡ଼ା ଯନ୍ତ୍ରର ସଫଳ କ୍ଷେତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଓୟୁଏଟିର ସର୍ବଭାରତୀୟ ଗବେଷଣା ପ୍ରକଳ୍ପର ଉପମୁଖ୍ୟ ନିରୀକ୍ଷକ ପ୍ରଫେସର ଜୟ ନାରାୟଣ ମିଶ୍ର ଓ ଏହି ପ୍ରକଳ୍ପର ସହାୟକ କର୍ମଚାରୀମାନେ ଯୋଗ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ ଡ. ସଂଗ୍ରାମ ପରମଗୁରୁ, କୃଷି ଯାନ୍ତ୍ରିକ ବୈଜ୍ଞାନିକ ଇଂ. ଦ୍ୱାରିକା ମୋହନ ଦାସ ଓ ଉଦ୍ୟାନ କୃଷି ବୈଜ୍ଞାନିକ ରଶ୍ମିତା ଟପ୍ପୋ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗ୍ରାମର ଚାଷୀମାନେ ନିଜ ନିଜର ମାଣ୍ଡିଆ ଓ ମକା ଏହି ଯନ୍ତ୍ର ସାହାଯ୍ୟରେ ଅମଳ କରିଥିଲେ। ଏହି ଯନ୍ତ୍ରଗୁଡ଼ିକୁ ସରକାରୀ ରିହାତି ମାଧ୍ୟମରେ ଯୋଗାଇ ଦେଲେ ଗଜପତି ଜିଲାର ଚାଷୀମାନେ ଉପକୃତ ହୋଇପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

### ମା' ଭବାନୀ ଫୁଟବଲ ଟୁର୍ନାମେଣ୍ଟ, ଆରଗାଡି ଚାମ୍ପିୟନ୍

**ଶଙ୍କରାଖୋଲ, ୫।୧୧ (ଡି.ଏନ୍.ଏ.):** କନ୍ଧମାଳ ଜିଲା ଶଙ୍କରାଖୋଲ ପଞ୍ଚାୟତରେ ମାଜାଗାଡା ଗ୍ରାମର ରଣଜିତ୍ ଯୁବକସଂଘ ପକ୍ଷରୁ ତଳଅଡାବାଡି ଖେଳ ପଡିଆରେ ମା' ଭବାନୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଆରଗାଡି ସହ ଖଜୁରିପଡା ମଧ୍ୟରେ ଖେଳା ଯାଇଥିଲା। ଆରଗାଡି ୪-୦ରେ ବିଜୟୀ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ମୁଖ୍ୟବକ୍ତା ଭାବେ ବ୍ଲକ ଅଧକ୍ଷ ପ୍ରଭଞ୍ଜନ କହଁର, ସମ୍ମାନୀତ ଅତିଥିଭାବେ ଟିକାବାଲି ବ୍ଲକ ବିଜେଡି ସଭାପତି ରଦନ ମଳିକ, ସରପଞ୍ଚ ଚିତ୍ର କହଁର, ସମିତିସଭ୍ୟ ବିଷ୍ଣୁଚରଣ ଦିଗାଳ, ଜିଲା ପରିଷଦ ସଭ୍ୟ ରଞ୍ଜନ ମଳିକ ପ୍ରମୁଖ ଯୋଗ ଦେଇଥିଲେ। ବିଜୟୀ ଦଳକୁ ସିଲ୍ ସହ ୪ହଜାର ଟଙ୍କା ଓ ରନର୍ସଅପ୍ ଖଜୁରିପଡାକୁ କପ୍ ସହ ୩ ହଜାରଟଙ୍କା ଅତିଥିମାନେ ପ୍ରଦାନ କରିଥିଲେ। ଏନ୍‌ଏଚ୍ ଠାରୁ ମାଜାଗଡ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ ଯୋଜନା ଓ ଗ୍ରାମରେ ଅର୍ଦ୍ଧ ନିର୍ମିତ ଖେଳପଡିଆକୁ ସମ୍ପୂର୍ଣ୍ଣ ପାଇଁ ଅନୁଦାନ ଦେବାକୁ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସଂଘର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର କହଁର, ସମ୍ପାଦକ ଭୀମସେନ କହଁର, ଖେଳ ଶିକ୍ଷକ ଶ୍ୟାମ ସୁନ୍ଦର ଶାହ, ଚନ୍ଦ୍ରଶେଖର କହଁର ଖେଳ ପରିଚାଳନା କରିଥିଲେ।

### ପୋଖରୀରେ ବୁଡ଼ି ନିଶାସକ୍ତ ଯୁବକଙ୍କ ମୃତ୍ୟୁ

# ମଦ ବିକ୍ରି ବନ୍ଦ ପାଇଁ ମହିଳାଙ୍କ ବିକ୍ଷୋଭ





ପୋଡ଼ି ଦିଆଯାଇଥିବା ମଦଭାଟି ଓ ଉତ୍ତ୍ୟକ୍ତ ମହିଳାଙ୍କ ବିକ୍ଷୋଭ।

**ଧରାକୋଟ,୫।୧୧(ଡି.ଏନ.ଏ.)**

ଧରାକୋଟ ବ୍ଲକର ଜାହାଡ଼ା ଗ୍ରାମରେ ସୋମବାର ରାତିରେ ପୋଖରୀରେ ବୁଡ଼ି ଜଣେ ନିଶାସକ୍ତ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିଶ୍ୱନାଥ ନାୟକ (୨୭)। ଅଗ୍ନିଶମ କର୍ମଚାରୀମାନ ପହଞ୍ଚି ମୃତଦେହ ଉଦ୍ଧାର କରିବା ପରେ ଧରାକୋଟ ପୋଲିସ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏଥିରେ ଉତ୍ତେଜିତ ହୋଇ ମଦ ବିକ୍ରିକୁ ବନ୍ଦ କରିବା ପାଇଁ ମଙ୍ଗଳବାର ମହିଳାମାନେ ଗ୍ରାମରେ ଥିବା ଦେଶୀ ମଦଭାଟିକୁ ଭଙ୍ଗାରୁଜା କରିବା ସହ ପୋଡ଼ି ଦେଇଛନ୍ତି।

ପ୍ରକାଶ ଯେ, ରାତିରେ ବିଶ୍ୱନାଥ ଏକ ମଦ ଦୋକାନକୁ ଆସି ପ୍ରଚୁର ମଦ୍ୟପାନ କରି ବେହୋସ ହୋଇଯାଇଥିଲେ। ଅସାବଧାନତା କାରଣରୁ ଠାକୁରାଣୀ ମନ୍ଦିର ପୋଖରୀରେ ଖସିଯାଇ ମୃତ୍ୟୁ ଘଟିଥିଲା। ନିଶାସକ୍ତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବାରୁ ମଧ୍ୟାହ୍ନରେ ଗୋପୀନାଥ ସାହି, ଠାକୁରାଣୀ ସାହି, ନୂଆସାହିର ମହିଳାମାନେ ସାମିଲ ହୋଇ ମଦ ବିକୁଥିବା ଯୁବକ ଓ ସ୍ଥାନୀୟ ସରପଞ୍ଚଙ୍କ ଘର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ଝଗଡ଼େଇ-ସିଙ୍ଗପୁର ରାସ୍ତାକୁ ଦୀର୍ଘ ସମୟ ଧରି ଅବରୋଧ କରି ରଖିଥିଲେ। ଖବର ପାଇ ଧରାକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ମହିଳାଙ୍କୁ ବୁଝାଶୁଝା କରିବା ସହ ସ୍ଥିତାବସ୍ଥା ଫେରାଇ ଆଣିବା ଉଦ୍ୟମ ଜାରି ରଖିଛି। ଏଥିସହ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ପାଇଁ ଗ୍ରାମର ବରିଷ୍ଠ ନାଗରିକ, ମହିଳା ଓ ଯୁବକମାନଙ୍କୁ ନିବେଦନ କରିବା ସହ ଆଇନ ଶୃଙ୍ଖଳା ହାତକୁ ନ ନେବା ପାଇଁ ପୋଲିସ ପରାମର୍ଶ ଦେଇଛି।

## ସିଣ୍ଡିକେଟ ବ୍ୟାଙ୍କ ପକ୍ଷରୁ ସତର୍କତା ସଚେତନତା ସପ୍ତାହ



**ବ୍ରହ୍ମପୁର ଅଫିସ,୫।୧୧**

ସିଣ୍ଡିକେଟ ବ୍ୟାଙ୍କ ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ବ୍ୟାଙ୍କର ଅଧିକାରୀ ଏବଂ କର୍ମଚାରୀମାନେ ଭାଗ ନେଇ ଶପଥ ପାଠ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୁର୍ନୀତି ନିବାରଣ ସଂକ୍ରାନ୍ତ ସଚେତନତା ଏବଂ ବକ୍ତୃତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ବ୍ୟାଙ୍କର କ୍ଷେତ୍ରୀୟ ପ୍ରବନ୍ଧକ କାହ୍ନୁ ଚରଣ ଟୁଡୁ ଏଥିରେ ଅଧକ୍ଷତା କରିଥିଲେ। ସତର୍କତା ସଚେତନତା ଦିବସର ଉଦ୍ଦେଶ୍ୟ ଏବଂ ଭ୍ରଷ୍ଟାଚାର ଯୋଗୁ ଉପୁଜୁଥିବା ସମାଜିକ ସମସ୍ୟା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମ ଅବସରରେ କ୍ଷେତ୍ରୀୟ କାର୍ଯ୍ୟାଳୟ ଡି.କେ. ପାଢୀ, ଏସ୍.ବିଶାଲ କୁମାର, ଅଜିତ ସିଂ, କେ. ଓଝାଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ପିଡି

**ବୁଗୁଡ଼ା,୫।୧୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ସହରାଞ୍ଚଳ ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) ସୁଦାମ ମଣ୍ଡଳ ବୁଗୁଡ଼ା ଏନ୍‌ଏସି ପରିଦର୍ଶନ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରକଳ୍ପ ନିର୍ଦ୍ଦେଶକ ବୁଗୁଡ଼ା ଏନ୍‌ଏସି କାର୍ଯ୍ୟାଳୟରେ ପହଞ୍ଚି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶଙ୍କ ସହ ଏନ୍‌ଏସିର ଉନ୍ନୟନ ବିଷୟରେ ଆଲୋଚନା କରିବା ସହ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ସେ ଏନ୍‌ଏସିର ରାଜସ୍ୱ ଆଦାୟ ସମ୍ପର୍କରେ ସମସ୍ତ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ, ପାଇଖାନା ନିର୍ମାଣ, ଅନୁଦାନର ଉତ୍ତମ



ବୁଗୁଡ଼ା ଏନ୍‌ଏସି ଦଳିତ ସାହିରେ ପ୍ରକଳ୍ପ ନିର୍ଦ୍ଦେଶକ ବୁଲି ଦେଖୁଛନ୍ତି।

ବିନିଯୋଗ, ନିର୍ମିତ ହୋଇଥିବା ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ନୋଡାଲ ଅଧିକାରୀ କାଳୁ ଚରଣ ରଥ, ଯନ୍ତ୍ରୀ ରାଜେଶ ପ୍ରଧାନ, ନିତ୍ୟାନନ୍ଦ ବାଡ଼ତ୍ୟା, ଜଗଦୀଶ ପଣ୍ଡା, ରାମକୃଷ୍ଣ ପଟ୍ଟନାୟକ, ଅଶୋକ କୁମାର ସାହୁ ସହଯୋଗ କରିଥିଲେ। ପ୍ରକଳ୍ପ କାର୍ଯ୍ୟଗୁଡ଼ିକର ତ୍ୱରାନ୍ୱିତ କରିବା ପାଇଁ କର୍ମଚାରୀଙ୍କୁ ଉପଦେଶ ଦେଇଥିଲେ।

## ବୁଗୁଡ଼ା ପଞ୍ଚାୟତ ସମିତି ବୈଠକ

**ବୁଗୁଡ଼ା,୫।୧୧(ଡି.ଏନ.ଏ.)**

ବୁଗୁଡ଼ା ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଅଧକ୍ଷା ମାମି ସେନାପତି ସଭାପତିତ୍ୱ କରିଥିଲେ। ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ, ରାଶନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସ୍ତାଘାଟ ନିର୍ମାଣ ବିଷୟରେ ଆଲୋଚନା ହୋଇଥିଲା। ବିଡିଓ ତନ୍ମୟ ପାତ୍ର ଖର୍ଚ୍ଚହୋଇ ନ ଥିବା ଅର୍ଥକୁ ବିଭିନ୍ନ ପଞ୍ଚାୟତରେ ଖର୍ଚ୍ଚ କରିବାକୁ ଯନ୍ତ୍ରୀ, ପିଇଓମାନଙ୍କୁ କହିଥିଲେ। ବ୍ଲକ ସହକାରୀ ଯନ୍ତ୍ରୀ ବଂଶୀଧର ପରିଡ଼ା, ତହସିଲଦାର ସଂଗ୍ରାମ କେଶରୀ ଜେନା, ଜଳସେଚନ ସହ ନିର୍ବାହୀ ଯନ୍ତ୍ରୀ ବିଷ୍ଣୁ ଚରଣ ସାହୁ, ବିଇଓ ରସାନନ୍ଦ କର, ସିଡିପିଓ ରଞ୍ଜିତ ତ୍ରିପାଠୀ, ଯୋଗାଣ ନିରୀକ୍ଷକ ଅମିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ମୋ ଗୋପାଳପୁର ସାଂସ୍କୃତିକ କାର୍ଯ୍ୟକ୍ରମ



ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ଗୋପାଳପୁର,୫।୧୧**

ଗୋପାଳପୁର ବେଳାଭୂମିକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ରବିବାର ସନ୍ଧ୍ୟାରେ ମୋ ଗୋପାଳପୁର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀ ଅଧକ୍ଷତା କରି ସ୍ୱଚ୍ଛତା ଓ ପ୍ଲାଷ୍ଟିକ, ପଲିଥିନ ବ୍ୟବହାର ନ କରିବାକୁ ସଚେତନ କରାଇଥିଲେ। ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ର ଓ ଶ୍ରଦ୍ଧାସଞ୍ଜିବନୀ ଅନ୍ତେବାସୀମାନଙ୍କ ଦ୍ୱାରା ନୃତ୍ୟ ଓ ଗୀତ ପରିବେଷଣ ହୋଇଥିଲା। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଭଳି କାର୍ଯ୍ୟକ୍ରମ ପ୍ରତି ରବିବାର ହେଉଥିବା ବେଳେ ବହୁ ଦର୍ଶକ ଓ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

## ବିଧାୟିକାଙ୍କ ସମୀକ୍ଷା ବୈଠକ




ବୈଠକରେ ଉପସ୍ଥିତ ବିଧାୟିକା ଓ ଅନ୍ୟମାନେ।

**ବେଗୁନିଆପଡ଼ା,୫।୧୧(ଡି.ଏନ.ଏ.)**

କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ବେଗୁନିଆପଡ଼ା ବ୍ଲକର ୪୪ ଓ ୪୫ ନମ୍ବର ଜୋନ ଜିଲାପରିଷଦ ଅନ୍ତର୍ଗତ ୧୫ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ଶନିବାର ସମୀକ୍ଷା କରିଥିଲେ। ଅଧୁରା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଓ ଆରମ୍ଭ ହୋଇନଥିବା କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ପାଇଁ କହିଥିଲେ। ବହୁ ଟଙ୍କା ଖର୍ଚ୍ଚ ହୋଇ ନ ଥିବା ଜାଣିବା ପରେ ପ୍ରତି ପଞ୍ଚାୟତର କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଏଥିସହ ଶୀଘ୍ର ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। କେତେକ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ଓ ଅସହଯୋଗ ନେଇ ସରପଞ୍ଚ ଅଭିଯୋଗ କରିଥିଲେ। ସେମାନଙ୍କୁ ତାଗିଦ୍ କରିବା ପାଇଁ ବିଡିଓ ପ୍ରଦୀପ କୁମାର ପଣ୍ଡାଙ୍କୁ ବିଧାୟିକା କହିଥିଲେ। କାର୍ଯ୍ୟକ୍ରମରେ ଅଧକ୍ଷା ପ୍ରତିନିଧି ବିଜୟ କୁମାର ଦୋରା, ଉପାଧକ୍ଷ ଭ୍ରମର ଭୂୟାଁ, ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ପରିଡା, ଜିଲା ପରିଷଦ ସଦସ୍ୟ ଗୀତାଞ୍ଜଳି ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

## ମୋ ନିବେଦନ,ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ

**ଦିଗପହଣ୍ଡି,୫।୧୧(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ମୋ ନିବେଦନ ଓ ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ନୂତନ ଅତିରିକ୍ତ ତହସିଲଦାର ପ୍ରଭାତୀ ମହାରଣା ଉଦ୍‌ଘାଟନ କରିଥିଲେ। ତହସିଲ ଓ ବ୍ଲକ ପ୍ରଶାସନର ମିଳିତ ଆନୁକୂଲ୍ୟରେ ହୋଇଥିବା କାର୍ଯ୍ୟକ୍ରମରେ ବ୍ଲକ ସହକାରୀ ଯନ୍ତ୍ରୀ ଗଙ୍ଗାଧର ଲେଙ୍କା, ସିଦ୍ଧେଶ୍ୱର ସରପଞ୍ଚ ଅନୀତା କୁମାରୀ ସ୍ୱାଇଁ, ସିଡିପିଓ ଯଶୋବନ୍ତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବିଭିନ୍ନ ପ୍ରମାଣପତ୍ର ପ୍ରଦାନ ସହ ରାଜସ୍ୱ ସମ୍ବନ୍ଧୀୟ ମାମଲା ତଦନ୍ତ ହୋଇଥିଲା। ଦିଗପହଣ୍ଡି, ପଦ୍ମନାଭପୁର, ବାସୁଦେବପୁର ଓ ସିଦ୍ଧେଶ୍ୱର ରାଜସ୍ୱ ସର୍କଲରେ ଥିବା ୯ ପଞ୍ଚାୟତର ଲୋକଙ୍କ ଅଭିଯୋଗ ଶୁଣାଣି କରାଯାଇଥିଲା।

### ସାନଖେମୁଣ୍ଡି ବିଧାନସଭା ନିର୍ବାଚନୀ ମାମଲା

# ଶୁଣାଣିରୁ ଓହରିଲେ ବିଚାରପତି

**କଟକ ଅଫିସ, ୫।୧୧**

ଗଞ୍ଜାମ ଜିଲା ସାନଖେମୁଣ୍ଡି ବିଧାନସଭା ନିର୍ବାଚନୀ ମାମଲାର ଶୁଣାଣି କରିବାକୁ ହାଇକୋର୍ଟ ବିଚାରପତି ବିଶ୍ୱନାଥ ରଥ ଅନିଚ୍ଛା ପ୍ରକାଶ କରିଛନ୍ତି। ମଙ୍ଗଳବାର ଏହି ମାମଲାର ଶୁଣାଣି ହେବାକୁ ଥିବାବେଳେ ବିଚାରପତି ଶୁଣାଣି ପାଇଁ ମନା କରିବାରୁ ଏହାକୁ ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠକୁ ପଠାଯାଇଛି। ତେବେ ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବେ କି ଅନ୍ୟ କୌଣସି ଖଣ୍ଡପୀଠକୁ ସ୍ଥାନାନ୍ତର କରିବେ ସେ ନେଇ ସୂଚନା ମିଳିନାହିଁ ।

ପ୍ରକାଶ ଯେ, ସାନଖେମୁଣ୍ଡି ନିର୍ବାଚନୀ ମାମଲା ନେଇ ବିଜେଡିର ପରାଜିତ

**ହାଇକୋର୍ଟଙ୍କ ମୁଖ୍ୟ ଖଣ୍ଡପୀଠକୁ ଗଲା ମାମଲା**

ପ୍ରାର୍ଥିନୀ ନନ୍ଦିନୀ ଦେବୀ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ । ଆବେଦନକାରିଣୀ ତାଙ୍କ ପିଟିଶନ୍‌ରେ ଦର୍ଶାଇଥିଲେ ଯେ, ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ନିର୍ବାଚନ ପୂର୍ବରୁ ପ୍ରାର୍ଥୀମାନେ ସେମାନଙ୍କ ବିରୋଧରେ ଯଦି କୌଣସି ଆପରାଧିକ ମାମଲା ଥାଏ ତେବେ ସେମାନେ ବୈଦ୍ୟୁତିକ ଗଣମାଧ୍ୟମ ଏବଂ ଖବରକାଗଜରେ ବିଜ୍ଞାପନ ଦେବା କଥା। ମାତ୍ର ସାନଖେମୁଣ୍ଡିରୁ ବିଜୟୀ କଂଗ୍ରେସ ପ୍ରାର୍ଥୀ ରମେଶ ଜେନାଙ୍କ ବିରୋଧରେ ଅନେକ ଫୌଜଦାରୀ ମାମଲା ରହିଥିଲେ ମଧ୍ୟ ସେ ଏ ସଂକ୍ରାନ୍ତରେ କୌଣସି ବିଜ୍ଞାପନ ଦେଇନାହାନ୍ତି । ତେଣୁ ତାଙ୍କ ବିଧାୟକ ପଦ ରଦ୍ଦ କରିବାକୁ ଆବେଦନକାରୀ ଅଦାଲତଙ୍କୁ ପ୍ରାର୍ଥନା କରିଥିଲେ। ଗତ ସେପ୍ଟେମ୍ବର ୨୩ରେ ଓଡ଼ିଶା ହାଇକୋର୍ଟଙ୍କ ବିଚାରପତି ଜଷ୍ଟିସ୍ ରଥ ମାମଲାର ପ୍ରାଥମିକ ଶୁଣାଣି କରି ବିଧାୟକ ରମେଶ ଜେନାଙ୍କ ସମେତ ବିଧାୟକ ପ୍ରାର୍ଥୀ ବିଜୟ କୁମାର ସ୍ୱାଇଁ, ଗରିବ ନାଏକ ଏବଂ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କୁ ନୋଟିସ୍ ଜାରି କରିଥିଲେ। ଆବେଦନକାରିଣୀଙ୍କ ପକ୍ଷରୁ ଆଇନଜୀବୀ ରାଜୀବ କୁମାର ମହନ୍ତ, ନିରଞ୍ଜନ ହୋତା, ସୁକାନ୍ତ ଦଳେଇ, ସତ୍ୟବ୍ରତ ମହାପାତ୍ର ପ୍ରମୁଖ ମାମଲା ପରିଚାଳନା କରୁଛନ୍ତି।

## ନୃସିଂହାନନ୍ଦଙ୍କୁ ଅନନ୍ୟା ଭାଷା ରତ୍ନ ସମ୍ମାନ



ନୃସିଂହାନନ୍ଦଙ୍କୁ ସମ୍ମାନିତ କରାଯାଉଛି।

**ଫୁଲବାଣୀ ଅଫିସ, ୫।୧୧**

କନ୍ଧମାଳ ଜିଲାର ଶିକ୍ଷାବିତ୍ ତଥା ସମାଜିକ କର୍ମୀ ନୃସିଂହାନନ୍ଦ ମହାପାତ୍ରଙ୍କୁ ସୁନ୍ଦର ମୋ ଭାଷା ସାହିତ୍ୟ ପକ୍ଷରୁ ଅନନ୍ୟା ଭାଷା ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। କେନ୍ଦୁଝର ଜିଲା ଜମ୍ବିରାସ୍ଥିତ ସୁନ୍ଦର ମୋ ଭାଷା ସାହିତ୍ୟ ପକ୍ଷରୁ ଅଷ୍ଟମ ସାମ୍ବତ୍ସରିକ କଳା, ସାହିତ୍ୟ, ସଂସ୍କୃତି, ସମାଜସେବୀ ସମାରୋହ କାର୍ଯ୍ୟକ୍ରମରେ ଅତିଥିମାନେ ନୃସିଂହାନନ୍ଦଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନୃସିଂହାନନ୍ଦ ଏକାଧାରାରେ ଜଣେ ଶିକ୍ଷକ, ସାମାଜିକ କର୍ମୀ, କବି, ଲେଖକ ଭାବେ ଜଣାଶୁଣା। ତାଙ୍କ ରଚିତ ଆଦର୍ଶ ଶିକ୍ଷା, ଭାରତର ସାଧୁସନ୍ଥଙ୍କ ବାଣୀ ପାଠକ ମହଲରେ ବେଶ ଆଦୃତ ହୋଇଛି। ମତ ମାସରେ ନୃସିଂହାନନ୍ଦ ଭୁବନେଶ୍ୱରସ୍ଥିତ ଜଗନ୍ନାଥ ସେବା ସଦନ ପକ୍ଷରୁ ଗାନ୍ଧୀ ଆଦର୍ଶରେ ସମ୍ମାନିତ ହୋଇଥିଲେ। ଏବେ ସେ ସରକାରୀ ଆଇଟିଆଇରେ ଶିକ୍ଷକତା କରୁଛନ୍ତି। ସେହିପରି ରୋଟାରି କ୍ଲବରେ ଆଜୀବନ ସଦସ୍ୟ, ସାର୍ତ୍ତାଗୁଡାସ୍ଥିତ ଦିବ୍ୟାଙ୍ଗ ସହାୟତା କେନ୍ଦ୍ରରେ କୋଷାଧକ୍ଷ, ଜିଲା ଲେଖକ ସାମୁଖ୍ୟର ସଦସ୍ୟ ମଧ୍ୟ ଅଛନ୍ତି। ସମ୍ବର୍ଦ୍ଧିତ ହୋଥିବାରୁ ତାଙ୍କୁ ଜିଲାବାସୀଙ୍କ ତରଫରୁ ଅଭିନନ୍ଦନ ଜ୍ଞାପନ କରାଯାଉଛି।

### ରାଶନ କାର୍ଡରୁ କଟିଲା ହିତାଧିକାରୀଙ୍କ ନାଁ

# ବ୍ଲକ ସମ୍ମୁଖରେ ଭାଜପାର ବିକ୍ଷୋଭ

**ଦିଗପହଣ୍ଡି,୫।୧୧(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଅଧୀନ ବିଭିନ୍ନ ଗ୍ରାମାଞ୍ଚଳରେ ରାଶନ କାର୍ଡରୁ ବହୁ ପରିବାର ସଦସ୍ୟଙ୍କ ନାଁ କଟିଯାଇଛି। ଏଥିପାଇଁ ସେମାନଙ୍କୁ ୨ ମାସ ହେଲା ଚାଉଳ ମିଳୁନାହିଁ। ଏହାର ପ୍ରତିବାଦରେ ମଙ୍ଗଳବାର ଭାଜପା ଦିଗପହଣ୍ଡି ମଣ୍ଡଳ କମିଟି ପକ୍ଷରୁ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କିନ୍ତୁ ପଦସ୍ଥ ଅଧିକାରୀଙ୍କ ମଧ୍ୟରୁ କେହି ଆଲୋଚନା ପାଇଁ ନ ଆସିବାରୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡ଼ିଥିବା ଗୌଡଗାଁ ପଞ୍ଚାୟତର ବହୁ ହିତାଧିକାରୀ ଓ ଦଳୀୟ କର୍ମୀମାନେ ବ୍ଲକ କାର୍ଯ୍ୟାଳୟକୁ ଧସେଇ ପଶିଥିଲେ। ଉପସ୍ଥିତ ବ୍ଲକ ଯୋଗାଣ ଅଧିକାରୀ ସୌଭାଗ୍ୟ କୁମାର ନାୟକଙ୍କୁ ଦୀର୍ଘ ସମୟ ଧରି ଘେରାଉ



ବ୍ଲକ ଯୋଗାଣ ଅଧିକାରୀଙ୍କ ସହ ଦଳୀୟ ନେତୃବୃନ୍ଦଙ୍କ ଆଲୋଚନା।

କରିଥିଲେ। ବ୍ଲକ ସହକାରୀ ଯନ୍ତ୍ରୀ ଇଂ.ଗଙ୍ଗାଧର ଲେଙ୍କା ଓ ଅନ୍ୟାନ୍ୟ କର୍ମଚାରୀ ସେଠାରେ ପହଞ୍ଚି ଦଳୀୟ ନେତୃବୃନ୍ଦ ପରେଶ ଚନ୍ଦ୍ର ରଥ, ମନୋଜ କୁମାର ପଣ୍ଡା, ଶ୍ରୀକାନ୍ତ ପାଢ଼ୀ ପ୍ରମୁଖଙ୍କୁ ବୁଝାଶୁଝା କରି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏ ନେଇ ବିଡିଓଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

ଏ ସମ୍ପର୍କରେ ବ୍ଲକ ଯୋଗାଣ ଅଧିକାରୀଙ୍କୁ ପଚାରିବାରୁ ରାଶନକାର୍ଡ ସହ ଆଧାର କାର୍ଡ ସଂଯୋଗ କରାଯାଇ ନ ଥିବାରୁ କାର୍ଡରୁ ହିତାଧକାରୀଙ୍କ ନାଁ କଟିଯାଇଛି। କେବଳ ଗୌଡଗାଁ ପଞ୍ଚାୟତ ନୁହେଁ ବ୍ଲକର ପ୍ରାୟ ୬ ହଜାର ହିତାଧିକାରୀଙ୍କ ନାଁ କଟିଯାଇଛି। ବ୍ଲକ ଓ ଏନ୍‌ଏସି ଅଞ୍ଚଳର ୨୮୨୬୯ ପରିବାରକୁ ରାଶନ କାର୍ଡ ପ୍ରଦାନ କରାଯାଇଛି। ପରିବାରର ଜଣ ପିଛା ୫ କେଜି ଚାଉଳ ଦିଆଯାଉଛି। ସେହିପରି ୩୮୮୫ ହିତାଧିକାରୀଙ୍କୁ ଅନ୍ତୋଦୟ କାର୍ଡରେ ୩୫ କେଜି ଚାଉଳ ଦିଆଯାଉଛି। ୱାନ କାର୍ଡ ୱାନ ନେଶନ ନୂତନ ନିୟମ ଅନୁଯାୟୀ ରାଶନ କାର୍ଡରେ ଆଧାର କାର୍ଡ ସଂଯୋଗକୁ ବାଧ୍ୟତାମୂଳକ କରାଯାଇଥିବା ସେ କହିଛନ୍ତି।

## ଗୁଣପୁର ହତ୍ୟାକାଣ୍ଡର ୯ ଜଣଙ୍କୁ ଫାଶୀ ଦଣ୍ଡାଦେଶ ମାମଲା

# ପୁନଃ ବିଚାର ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ ଅଫିସ, ୫।୧୧

ଗୁଣିଗାରେଡ଼ି ସନ୍ଦେହରେ ରାୟଗଡ଼ା ଜିଲା ଗୁଣପୁରର ୩ଜଣଙ୍କୁ ପୋଡ଼ି ହତ୍ୟା ମାମଲାର ପୁନଃ ବିଚାର ପାଇଁ ମଙ୍ଗଳବାର ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ଦଣ୍ଡବିଧି ଆଇନର ଧାରା ୩୬୪ ଓ ୩୬୫ରେ ଚାର୍ଜଫ୍ରେମ କରି ମାମଲାର ପୁନଃ ଶୁଣାଣି କରିବାକୁ ହାଇକୋର୍ଟ ବିଚାରପତି ଏସ୍.କେ. ମିଶ୍ର ଏବଂ ଏ.କେ. ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୁଣପୁର ଏଡିଜେଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୬ ସେପ୍ଟେମ୍ବର ୯ରେ ଗୁଣିଗାରେଡ଼ି ସନ୍ଦେହରେ ରାୟଗଡ଼ା ଜିଲା ପୁଟାସିଂ ଥାନା ଅଧୀନ କିଟଂ ଗ୍ରାମର ଆସିନ ଶବର ଓ ତାଙ୍କ ସ୍ତ୍ରୀ ଆମ୍ବେୟାଙ୍କୁ ଗ୍ରାମର କେତେଜଣ ବ୍ୟକ୍ତି ନିର୍ମମ ଭାବେ ଜିଅନ୍ତା ଜାଳି ଦେଇଥିଲେ। ତାଙ୍କ ବଡ ଝିଅ ଆସମାନିଙ୍କୁ କୀଟନାଶକ ଇଞ୍ଜେକ୍ସନ ଦେଇ ହତ୍ୟା କରିଥିଲେ। ସାନ ଝିଅ ମେଲିତାଙ୍କ ସମ୍ମୁଖରେ ଏହି ଘଟଣା ଘଟିଥିବାବେଳେ ତାଙ୍କୁ ନଜରବନ୍ଦୀ କରି ରଖାଯାଇଥିଲା। ଆସିନଙ୍କ ପରିବାର ଲୋକେ ଗୁଣିଗାରେଡ଼ି କରି ଗ୍ରାମର ୨ଜଣଙ୍କୁ ମାରି ଦେଇଥିବା ସନ୍ଦେହରେ ଏହି ହତ୍ୟାକାଣ୍ଡ ଘଟିଥିଲା। ଏ ନେଇ ପୁଟାସିଂ ଥାନାରେ କେସ୍ ନଂ. ୧୭/୧୬ ରୁଜୁ ହୋଇଥିଲା। ଏହି ମାମଲାରେ ଜଣେ ନାବାଳକ ସମେତ ୧୦ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ୯ଜଣ ଅଭିଯୁକ୍ତଙ୍କ ନାମରେ ଗୁଣପୁର ଏଡିଜେଙ୍କ କୋର୍ଟରେ ବିଚାର ଚାଲିଥିଲା। ଉକ୍ତ ମାମଲାର ଶୁଣାଣି କରି ୨୦୧୮ ଏପ୍ରିଲ ୧୩ରେ ଗୁଣପୁର ଏଡିଜେ ୯ଜଣ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଥିଲେ। ଫାଶୀ ଦଣ୍ଡାଦେଶ ପାଇଥିବା ବ୍ୟକ୍ତିମାନେ ହେଲେ ଡେଙ୍ଗୁନ ଶବର, ଦଲଶ ଶବର, ଆଜନ୍ତ ଶବର, ପଢନ୍ତୁ ଶବର, ମାଲକୁ ଶବର, ଇରୁ ଶବର, ବୁବୁନା ଶବର, ଜାମାଶୁ ଶବର ଏବଂ ଦଶନ୍ତ ଶବର। ପରେ ଏହି ଦଣ୍ଡାଦେଶ ନିର୍ଦ୍ଦିଷ୍ଟ କରିବା ପାଇଁ ହାଇକୋର୍ଟକୁ ମାମଲା ଆସିଥିଲା। ହାଇକୋର୍ଟ ଏହାର ବିଚାର ବେଳେ ହୃଦବୋଧ କରିଛନ୍ତି ଯେ, ଧାରା ୩୬୪ ଓ ୩୬୫ ଚାର୍ଜଫ୍ରେମ୍ ନ ହୋଇ ଅଭିଯୁକ୍ତମାନଙ୍କୁ ଦଣ୍ଡିତ କରାଯାଇଛି। ତେଣୁ ଏହାର ପୁନଃ ଶୁଣାଣି କରିବାକୁ ହାଇକୋର୍ଟ ତଳ କୋର୍ଟକୁ ନିର୍ଦ୍ଦେଶ ଦେଇଛନ୍ତି।




ଭୁବନେଶ୍ୱର ଖାରବେଳ ଭବନଠାରେ ସୋମବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେଣ୍ଟର ଅଫ୍ ଏକ୍ସିଲେନ୍ସ ସ୍ଥାପନ ନିମନ୍ତେ ସି.ଭି. ରମଣ କଲେଜର ଅଧ୍ୟକ୍ଷ ସଞ୍ଜୀବ ରାଉତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ୫ କୋଟି ଟଙ୍କାର ଅନୁଦାନ ରାଶି ବାବଦ ଚେକ୍ ଗ୍ରହଣ କରୁଛନ୍ତି।

## 'ପାଟଣାଗଡ଼' ରିଲିଜ୍‌କୁ ସବୁଜ ସଂକେତ

### ସ୍ଥଗିତାଦେଶ ପାଇଁ ମନାକଲେ ସୁପ୍ରିମକୋର୍ଟ

ଭୁବନେଶ୍ୱର, ୫।୧୧(ବ୍ୟୁରୋ)

ବହୁଚର୍ଚ୍ଚିତ ଫିଲ୍ମ 'ପାଟଣାଗଡ଼'ର ରିଲିଜ୍ ନେଇ ହାଇକୋର୍ଟଙ୍କ ପରେ ଏବେ ସୁପ୍ରିମକୋର୍ଟରୁ ମଧ୍ୟ ସବୁଜ ସଂକେତ ମିଳିଛି। ଫିଲ୍ମ ରିଲିଜ୍ ଉପରେ ସ୍ଥଗିତାଦେଶ ଜାରି କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ ମନା କରିଦେଇଛନ୍ତି। ୨୦୧୮ରେ ବଲାଙ୍ଗୀର ଜିଲା ପାଟଣାଗଡ଼ରେ ହୋଇଥିବା ପାର୍ସଲ ବୋମା ବିସ୍ଫୋରଣ ଘଟଣା ଉପରେ ଆଧାରିତ ଏହି ଫିଲ୍ମ ନଭେମ୍ବର ୮ରେ ଓଡ଼ିଆ, ହିନ୍ଦୀ ଏବଂ ତେଲୁଗୁ ଭାଷାରେ ରିଲିଜ୍ ହେବାକୁ ସ୍ଥିର ହୋଇଛି। ଫିଲ୍ମ ରିଲିଜ୍ ଉପରେ ରୋକ ଲଗାଇବାକୁ ପାର୍ସଲ ବୋମା ଘଟଣାର ଅଭିଯୁକ୍ତ ପୁଞ୍ଜିଲାଲ୍ ମେହେରଙ୍କ ପତ୍ନୀ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ ଏସ୍.ଏ. ବୋବ୍‌ଡେ, ଜଷ୍ଟିସ୍ ଏସ୍. ଅବ୍‌ଦୁଲ ନାଜିର୍ ଏବଂ ଜଷ୍ଟିସ୍ କ୍ରୀଷ୍ଣା ମୁରାରୀଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଏଭଳି ନିର୍ଦ୍ଦେଶ ଶୁଣାଇଛନ୍ତି। ଯଦି ଫିଲ୍ମର କାହାଣୀକୁ ନେଇ କୌଣସି ଅଭିଯୋଗ ଥାଏ, ତା'ହେଲେ ଅଭିଯୋଗକାରୀ ଆସନ୍ତା ୩୦ଦିନ ମଧ୍ୟରେ ସେନ୍‌ସର୍ ବୋର୍ଡର ଦ୍ୱାରସ୍ଥ ହେବାକୁ ଖଣ୍ଡପୀଠ କହିଛନ୍ତି। ଆବେଦନକାରୀଙ୍କ ଆପତ୍ତି ନେଇ ବିଚାର କରିବାକୁ ବୋର୍ଡ଼କୁ ନିର୍ଦ୍ଦେଶ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୧୮ ଫେବୃୟାରୀ ୨୩ରେ ପାଟଣାଗଡ଼ରେ ହୋଇଥିବା ବହୁଚର୍ଚ୍ଚିତ ପାର୍ସଲ ବୋମା ଘଟଣା ଉପରେ ଫିଲ୍ମର କାହାଣୀ ଆଧାରିତ। ଫିଲ୍ମରେ ମୁଖ୍ୟ ଭୂମିକାରେ ବଲିଉଡ୍ ଅଭିନେତା ଅତୁଲ କୁଲକର୍ଣ୍ଣୀ, ଯଶପାଲ ଶର୍ମା, ଲୋକପ୍ରିୟ ଓଡ଼ିଆ ଫିଲ୍ମ ଅଭିନେତା ମନୋଜ ମିଶ୍ର, ପୁଷ୍ପା ପଣ୍ଡା, ଅନୁ ଚୌଧୁରୀ, ତେଲୁଗୁ ଅଭିନେତା ଥନିକେଲ୍ଲା ଭାରାଣୀ ପ୍ରମୁଖ ଅଭିନୟ କରିଛନ୍ତି। ରାଜେଶ ଟଚରିଭର୍ଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମର ପ୍ରଯୋଜକ ହେଉଛନ୍ତି ଶ୍ରୀଧର ମାର୍ଥା। ବଲାଙ୍ଗୀରରେ ନବ ବିବାହିତ ଦମ୍ପତି ସୌମ୍ୟ ଏବଂ ରୀମାଙ୍କୁ ବାହାଘର ଉପହାରରେ ମିଳିଥିଲା ଏକ ବୋମା। ନବ ବିବାହିତ ଯୋଡ଼ି ଉତ୍ସାହିତ ହୋଇ ନିଜ ବାହାଘର ଉପହାରଗୁଡ଼ିକୁ ଖୋଲିବାବେଳେ ବୋମା ଫୁଟି ଘଟଣାସ୍ଥଳରେ ହିଁ ସୌମ୍ୟଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟପଟେ ରୀମା ମଧ୍ୟ ଗୁରୁତର ଭାବେ ଆହତ ହୋଇଥିଲେ। ଏହି ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ପୁଞ୍ଜିଲାଲ ମେହେର ମୁଖ୍ୟ ଅପରାଧୀ ସାବ୍ୟସ୍ତ ହୋଇଥିଲେ।

ପ୍ରଥମ ପୃଷ୍ଠାରୁ...

## ଓଡ଼ିଶାକୁ ବିପଦ...

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ନ ଯିବା ଲାଗି ପରାମର୍ଶ ଦିଆଯାଇଛି। ଯେଉଁମାନେ ସମୁଦ୍ରରେ ଅଛନ୍ତି ସେମାନେ ୮ ତାରିଖ ସୁଦ୍ଧା ଫେରି ଆସିବାକୁ ପରାମର୍ଶ ଦିଆଯାଇଛି। ଅନ୍ୟ ପକ୍ଷରେ ପାଣିପାଗ ସଂସ୍ଥା 'ସ୍କାଏମେଟ୍' ଭିନ୍ନପୂର୍ବାନୁମାନକରିଛି।ବାତ୍ୟାଓଡ଼ିଶାରଚାନ୍ଦବାଲିଓପଶ୍ଚିମବଙ୍ଗର ସାଗରଦ୍ୱୀପ ମଧ୍ୟ ଦେଇ ସ୍ଥଳ ଭାଗ ଅତିକ୍ରମ କରିବ ବୋଲି ଉକ୍ତ ସଂସ୍ଥା କହିଛି।

ବାତ୍ୟାର ପ୍ରଭାବରେ ଆସନ୍ତା ୯ ଓ ୧୦ ତାରିଖରେ ଉପକୂଳ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷ କରି ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର, ଭଦ୍ରକ ଆଦି ଜିଲାରେ ପ୍ରବଳ ବର୍ଷା ହେବ। ସେହିପରି ଗଞ୍ଜାମ, ଗଜପତି, ଢେଙ୍କାନାଳ, ଅନୁଗୋଳ, କେନ୍ଦୁଝର ଆଦି ଜିଲାରେ ମଧ୍ୟମ ଧରଣର ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି।

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ରାଜ୍ୟକୁ ବାତ୍ୟା ଆଶଙ୍କା ନ ଥିଲେ ମଧ୍ୟ ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ବାତ୍ୟାକୁ ନେଇ କୌଣସି ପ୍ରକାର ଆତଙ୍କିତ ନ ହେବାକୁ ସ୍ୱତନ୍ତ୍ର ରିଲିଫ କମିଶନର(ଏସଆରସି) ପ୍ରଦୀପ କୁମାର ଜେନା ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯେ, ବାତ୍ୟାକୁ ନେଇ ଆତଙ୍କିତ ହେଲେ ଏହାର ଫାଇଦା ଅସାଧୁ ବ୍ୟବସାୟୀମାନେ ନେବେ। ଉପକୂଳ ଓଡ଼ିଶାରେ ବାତ୍ୟାର ପ୍ରଭାବ ପଡ଼ିବା ସମ୍ଭାବନା ନାହିଁ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାର ପ୍ରଭାବରେ ଉପକୂଳ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି। ସମ୍ଭାବ୍ୟ ବାତ୍ୟାକୁ ଦେଖି ଆଗୁଆ ପଦକ୍ଷେପ ନେବାକୁ ଏସଆରସିଙ୍କ ପକ୍ଷରୁ ୧୫ ଜିଲାର ଜିଲାପାଳଙ୍କୁ ଏକ ନିର୍ଦ୍ଦେଶ ଦିଆଯାଇଛି। ସେହି ଜିଲାଗୁଡ଼ିକ ହେଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଗଞ୍ଜାମ, ପୁରୀ, ଗଜପତି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ନୂଆପଡ଼ା ଏବଂ ମାଲକାନଗିରି।

ଆସନ୍ତା ୮ରୁ ୧୦ ତାରିଖ ମଧ୍ୟରେ ଉପକୂଳ ଏବଂ ଉତ୍ତର ଓଡ଼ିଶାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଏଥିଯୋଗୁ ଧାନଠାରୁ ଆରମ୍ଭ କରି ପନିପରିବା ଓ ଅନ୍ୟାନ୍ୟ ଫସଲ ନଷ୍ଟ ହେବାର ସମ୍ଭାବନା ରହିଛି। ଏ ନେଇ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ କୃଷକମାନଙ୍କୁ ସେମାନଙ୍କ ଫସଲ ସୁରକ୍ଷିତ ରଖିବା ପାଇଁ ପରାମର୍ଶ ଜାରି କରାଯାଇଛି। ବର୍ଷା ହେବା ପୂର୍ବରୁ ପାଚି ଯାଇଥିବା ମଧ୍ୟମ କିସମ ଧାନକୁ ତୁରନ୍ତ କାଟି ସୁରକ୍ଷିତ ସ୍ଥାନକୁ ନେଇଯିବାକୁ କୁହାଯାଇଛି। ଅମଳ ହୋଇଥିବା ଧାନକୁ ବେଙ୍ଗଳା କରି ପଲିଥିନରେ ଘୋଡ଼ାଇ ରଖିବା ସହିତ ବର୍ଷାଦିନିଆ ମକାକୁ ଅମଳ କରି ନେବାକୁ ପରାଶର୍ମ ଦିଆଯାଇଛି। ସେହିପରି ଅନ୍ୟାନ୍ୟ ଫସଲ ପାଇଁ ମଧ୍ୟ ଓୟୁଏଟି ପକ୍ଷରୁ ଚାଷୀମାନଙ୍କୁ ସତର୍କ କରାଯାଇଛି।

ଓଡ଼ିଶା ସରକାର

# ଦେବଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ଅଧିସୂଚନା

File No-L.A.I-01/2019-654/WE Dated: 17.07.2019

No.XXXII-14:- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଦେବଗଡ଼ ଜିଲ୍ଲାର ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା: ବିଦେଇବାଡ଼କୁଦର, ଥାନା-ବାରକୋଟ, ନଂ-୧୨୧, ତହସିଲ-ବାରକୋଟ, ଜିଲ୍ଲା-ଦେବଗଡ଼ରେ ନିମ୍ନ ତଫସିଲ ନିମନ୍ତେ ପ୍ରାୟ ଏକର ୧୦.୬୧୦ ଭୂମି-ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act-2013) ର ଧାରା ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ-ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ-୨) ପୂର୍ବତଟ ରେଳପଥ, ଅନୁଗୋଳ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ SIA Study Vide No. 43851 Dt. 01.12.2018 ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ-ଜିଲ୍ଲାପାଳ, ଦେବଗଡ଼।
୬. ଜମିର ବିବରଣୀ-ଏଥିସହିତ ସଂଲଗ୍ନ କରାଗଲା।

| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
|---|---|---|---|---|---|---|---|---|
| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
| ଦେବଗଡ଼ | ବାରକୋଟ | ବିଦେଇବଡ଼କୁଦର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏ.୧୭.୧୯୦ | ଏ.୧୦.୬୧୦ | ଏଥି ସହିତ ସଂଲଗ୍ନ ହୋଇଅଛି |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ଭୂ-ଅର୍ଜନ ଅଧିକାରୀ, ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ, ସୁନ୍ଦରଗଡ଼ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଦେବଗଡ଼ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସୁଧାଂଶୁ ମୋହନ ସାମଲ, ଭା.ପ୍ର.ସେ.
ଜିଲ୍ଲାପାଳ, ଦେବଗଡ଼

ତାଳଚେର-ବିମଳାଗଡ଼ ନୂତନ ପ୍ରଶସ୍ତ ରେଳପଥ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଆବଶ୍ୟକ ହେଉଥିବା ମୋଟ ଜମିର ତାଲିକା
ମୌଜା- ବିଦେଇବଡ଼କୁଦର, ଥାନା- ବାରକୋଟ, ନଂ-୧୨୧, ତହସିଲ- ବାରକୋଟ, ନଂ-୫୯୦, ରାଜସ୍ୱ ମଣ୍ଡଳ-ଗୁରୁସଙ୍ଗ, ଜିଲ୍ଲା-ଦେବଗଡ଼

| ଗ୍ରାମର ନାମ | ଗ୍ରାମ ପଞ୍ଚାୟତର ନାମ | ଖାତା ନଂ | ପ୍ଲଟ ନଂ | ମୋଟ ରକବା | ପ୍ରସ୍ତାବିତ ଭୂ-ଅର୍ଜନ ରକବା | କିସମ | ଜମିଦାରଙ୍କ ନାମ/ ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବିଦେଇବଡ଼ କୁଦର | ବମ୍ପରଡ଼ା | ୨ | ୨୧୮ସ୍ମ | ୨.୧୪୦ | ୧.୬୮୦ | ମାଳ ସାଧାରଣ/ ୫୬ | କଡ଼ି ପାଣ, ପି: ବିମ୍ବା ପାଣ, ହାଡ଼ିବନ୍ଧୁ ପାଣ, ପି: ମ ଙ୍ଗଳୁ ପାଣ, ଜା: ପାଣ, ବା: କଳା |
| | | ୪ | ୩୧୭ | ୦.୨୪୦ | ୦.୨୪୦ | ମାଳ ସାଧାରଣ/୬ | କହ୍ନେଇ କିସାନ, ପି: ଗୋବର୍ଦ୍ଧନ କସାନ, ଜା: କିସାନ, ବା: ନିଜଗାଁ |
| | | | ୩୨୦/ ୭୮୧ | ୦.୦୪୦ | ୦.୦୪୦ | ମାଳ ସାଧାରଣ | |
| | | | ୩୨୮ | ୦.୦୫୦ | ୦.୦୫୦ | ମାଳ ସାଧାରଣ | |
| | | | ୪୧୨/ ୭୯୮ | ୦.୦୯୦ | ୦.୦୯୦ | ବାହାଲ ସାଧାରଣ | |
| | | ୫ | ୫୯୭/ ୮୮୧ | ୦.୦୯୦ | ୦.୦୯୦ | ଗୋଡ଼ା ଦୁଇ | କାଳି ଚରଣ ପ୍ରଧାନ, ପି: ଘାସି ପ୍ରଧାନ, ଜା: ଚଷା, ବା: କଳା |
| | | | ୬୦୨ସ୍ମ | ୦.୫୪୦ | ୦.୦୬୦ | ଗୋଡ଼ା ଦୁଇ | |
| | | ୬ | ୩୦୮ସ୍ମ | ୦.୩୧୦ | ୦.୦୧୦ | ମାଳ ସାଧାରଣ/୬ | କାଶି କିସାନ, କଷ୍ଟ କିସାନ, ବିଷ କିସାନ, ପି: ବୁଟା କିସାନ, ଜା: କିସାନ, ବା: ନିଜଗାଁ |
| | | ୧୦ | ୩୧୦ସ୍ମ | ୦.୩୯୦ | ୦.୧୪୦ | ମାଳ ସାଧାରଣ/୮ | ଘାସିରାମ ପାଣ, କୁଳମଣି ପାଣ, ପି: କେଶବ ପାଣ, ଦୁଃଖୀ ବେବା, ସ୍ୱା: କେଶବ ପାଣ, ଜା: ପାଣ, ବା: ନିଜଗାଁ |
| | | | ୪୧୩ | ୦.୩୬୦ | ୦.୩୬୦ | ବାହାଲ ସାଧାରଣ | |
| | | | ୬୯୫ସ୍ମ | ୧.୦୮୦ | ୦.୫୧୦ | ଗୋଡ଼ା ଦୁଇ | |
| | | | ୬୯୭/ ୮୯୭ସ୍ମ | ୦.୦୬୦ | ୦.୦୨୦ | ଗୋଡ଼ା ଦୁଇ | |
| | | | ୬୯୮ | ୦.୦୬୦ | ୦.୦୬୦ | ଘରବାରି | |
| | | | ୭୦୦/ ୮୯୮ | ୦.୦୬୦ | ୦.୦୬୦ | ଗୋଡ଼ା ଦୁଇ | |
| | | | ୭୦୨ସ୍ମ | ୦.୧୪୦ | ୦.୦୨୦ | ଗୋଡ଼ା ଦୁଇ | |
| | | ୧୧ | ୩୨୦ | ୦.୦୫୦ | ୦.୦୫୦ | ମାଳ ସାଧାରଣ | ଗାଧୁ କିସାନ, ପି: ଗୋବର୍ଦ୍ଧନ କିସାନ, ଜା: କିସାନ, ବା: ନିଜଗାଁ |
| | | | ୩୩୦ସ୍ମ | ୦.୦୧୦ | ୦.୦୧୦ | ମାଳ ସାଧାରଣ | |
| | | | ୪୧୨/ ୭୯୯ | ୦.୦୬୦ | ୦.୦୬୦ | ବାହାଲ ସାଧାରଣ | |
| | | ୧୩ | ୪୬୧/ ୮୩୧ସ୍ମ | ୦.୦୯୦ | ୦.୦୨୦ | ଗୋଡ଼ା ଦୁଇ | ଗୁରୁ ଚରଣ ପଧାନ, ପି: ବଟ କୃଷ୍ଣ ପଧାନ, ଜା: ଥୋରିଆ, ବା: ନିଜଗାଁ |
| | | | ୫୦୧ସ୍ମ | ୦.୫୭୦ | ୦.୦୧୦ | ମାଳ ସାଧାରଣ | |
| | | | ୬୯୪ସ୍ମ | ୦.୧୬୦ | ୦.୦୨୦ | ଗୋଡ଼ା ଦୁଇ | |
| | | ୧୪ | ୩୨୧ | ୦.୦୬୦ | ୦.୦୬୦ | ମାଳ ସାଧାରଣ | ଗୋବିନ୍ଦ କିସାନ, ପି: ଘାସି କିସାନ, ଜା: କିସାନ, ବା: ନିଜଗାଁ |
| | | | ୩୨୨ | ୦.୦୭୦ | ୦.୦୭୦ | ମାଳ ସାଧାରଣ | |
| | | | ୪୧୨/ ୭୯୭ | ୦.୦୭୦ | ୦.୦୭୦ | ବାହାଲ ସାଧାରଣ | |
| | | ୧୫ | ୬୧୨ସ୍ମ | ୦.୩୮୦ | ୦.୨୮୦ | ଗୋଡ଼ା ଦୁଇ | ଚନ୍ଦ୍ର କିସାନ, ପି: ତିଳ କିସାନ, ଜା: କିସାନ, ବା: ନିଜଗାଁ |
| | | ୧୬ | ୩୦୯ସ୍ମ | ୦.୨୯୦ | ୦.୦୨୦ | ମାଳ ସାଧାରଣ/୫ | ଚୁଳି କିସାନ, ପି: ଘାସି କିସାନ, ଜା: କିସାନ, ବା: ନିଜଗାଁ |
| | | | ୪୧୨/ ୭୯୬ସ୍ମ | ୦.୦୭୦ | ୦.୦୪୦ | ବାହାଲ ସାଧାରଣ | |
| | | ୨୧ | ୫୯୭ | ୦.୧୯୦ | ୦.୧୪୦ | ଘରବାରି | ଯମୁନା କମାର, ସ୍ୱା: ଚୈତନ୍ୟ କମାର, ଜା: କମାର, ବା: ନିଜଗାଁ |
| | | | ୫୯୮ | ୦.୦୩୦ | ୦.୦୩୦ | ଘରବାରି | |
| | | ୨୨ | ୩୧୧ସ୍ମ | ୦.୧୨୦ | ୦.୦୪୦ | ମାଳ ସାଧାରଣ | ଗୁରା କିସାନ, ପି: ରାମ କିସାନ, ଜା: କିସାନ, ବା: ନିଜଗାଁ |
| | | | ୩୧୬ସ୍ମ | ୦.୬୨୦ | ୦.୫୨୦ | ମାଳ ସାଧାରଣ/୧୨ | |
| | | | ୩୧୯ | ୦.୩୧୦ | ୦.୩୧୦ | ମାଳ ସାଧାରଣ/୬ | |
| | | | ୩୨୦/ ୭୮୦ | ୦.୧୦୦ | ୦.୧୦୦ | ମାଳ ସାଧାରଣ | |
| | | | ୩୨୩ | ୦.୦୫୦ | ୦.୦୫୦ | ମାଳ ସାଧାରଣ | |
| | | | ୪୧୯ସ୍ମ | ୨.୦୫୦ | ୦.୧୦୦ | ବାହାଲ ସାଧାରଣ/୨ | |
| | | ୨୫ | ୨୯୨ସ୍ମ | ୩.୫୮୦ | ୦.୦୨୦ | ବାହାଲ ସାଧାରଣ | ତିଲେଶ୍ୱର ପଧାନ, ପି: ବଟକୃଷ୍ଣ ପଧାନ, ଜା: ଥୁରିଆ, ବା: ନିଜଗାଁ |
| | | | ୬୦୦ସ୍ମ | ୦.୧୩୦ | ୦.୦୨୦ | ଘରବାରି | |
| | | | ୬୦୪ସ୍ମ | ୦.୩୬୦ | ୦.୦୭୦ | ଗୋଡ଼ା ଦୁଇ | |
| | | | ୬୦୫ସ୍ମ | ୦.୬୨୦ | ୦.୩୨୦ | ଗୋଡ଼ା ଦୁଇ | |
| | | | ୬୦୭ସ୍ମ | ୦.୧୦୦ | ୦.୦୪୦ | ଘରବାରି | |
| | | ୨୭ | ୨୯୨/ ୭୭୩ସ୍ମ | ୧.୧୬୦ | ୦.୦୯୦ | ବାହାଲ ସାଧାରଣ | ତାରା ଚାନ୍ଦ ପଧାନ, ପି: ବଟକୃଷ୍ଣ ପଧାନ, ଜା: ଥୋରିଆ, ବା: ନିଜଗାଁ |
| | | | ୪୬୧/ ୮୩୦ସ୍ମ | ୦.୪୨୦ | ୦.୩୮୦ | ଗୋଡ଼ା ଦୁଇ | |
| | | | ୪୬୩ସ୍ମ | ୦.୪୫୦ | ୦.୩୯୦ | ମାଳ ସାଧାରଣ/୧୬ | |
| | | | ୬୦୪/ ୯୧୦ | ୦.୧୮୦ | ୦.୧୮୦ | ଗୋଡ଼ା ଦୁଇ | |
| | | ୨୯ | ୩୩୪ | ୦.୦୨୦ | ୦.୦୨୦ | ମାଳ ସାଧାରଣ | ଦୁଲ୍ଲଭ କିସାନ, ରବି କିସାନ, ତିଳ କିସାନ, ପି: ସାଇବ କିସାନ, ଜା: କିସାନ, ବା: ନିଜଗାଁ |
| | | | ୩୩୬ | ୦..୦୨୦ | ୦.୦୨୦ | ମାଳ ସାଧାରଣ | |
| | | | ୩୪୧ | ୦.୦୨୦ | ୦.୦୨୦ | ମାଳ ସାଧାରଣ | |
| | | | ୩୪୨ସ୍ମ | ୦.୨୮୦ | ୦.୦୬୦ | ମାଳ ସାଧାରଣ | |
| | | | ୩୪୫ | ୦.୧୧୦ | ୦.୧୧୦ | ମାଳ ସାଧାରଣ/୫ | |
| | | ୩୫ | ୩୧୮ | ୦.୨୮୦ | ୦.୨୮୦ | ମାଳ ସାଧାରଣ | ନାଗା କିସାନ, ପି: ଘାସି କିସାନ, ଜା: କିସାନ, ବା: ନିଜଗାଁ |
| | | | ୩୨୪ | ୦.୦୬୦ | ୦.୦୬୦ | ମାଳ ସାଧାରଣ | |
| | | | ୪୧୨ | ୦.୦୭୦ | ୦.୦୭୦ | ବାହାଲ ସାଧାରଣ | |
| | | ୪୩ | ୪୧୧ସ୍ମ | ୦.୦୬୦ | ୦.୦୨୦ | ଆଡ଼ି | ବିମଳା ସାହୁ, ବଂଶୀଧର ସାହୁ, ଜା: ଚଷା, ବା: ନିଜଗାଁ |
| | | ୪୪ | ୩୧୩ | ୦.୦୭୦ | ୦.୦୪୦ | ମାଳ ସାଧାରଣ | ବୁଟୁ କିସାନ, ପି: ଗଙ୍ଗା କିସାନ, ଜା: କିସାନ, ବା: ନିଜଗାଁ |
| | | | ୩୧୫ | ୦.୨୩୦ | ୦.୧୬୦ | ମାଳ ସାଧାରଣ/୬ | |
| | | | ୩୨୦/ ୭୭୯ | ୦.୦୪୦ | ୦.୦୪୦ | ମାଳ ସାଧାରଣ | |
| | | | ୩୨୭ | ୦.୦୪୦ | ୦.୦୪୦ | ମାଳ ସାଧାରଣ | |
| | | | ୪୧୨/ ୭୯୫ସ୍ମ | ୦.୦୭୦ | ୦.୦୧୦ | ବାହାଲ ସାଧାରଣ | |
| | | | ୫୧୨ | ୦.୦୨୦ | ୦.୦୨୦ | ମାଳ ସାଧାରଣ | |
| | | ୪୬ | ୨୧୯ସ୍ମ | ୩.୩୨୦ | ୦.୮୭୦ | ମାଳ ସାଧାରଣ/ ୧୦୦ | ବେଲ ପାଣ, ସ୍ୱା: ଦୟାନିଧି ପାଣ, କ୍ଷୀରୋଦ ପାଣ, ଗିରିଧାରୀ ପାଣ, ପି: ଦୟାନିଧି ପାଣ, ଜା: ପାଣ, ବା: କଳା |
| | | ୪୮ | ୬୧୩ସ୍ମ | ୦.୭୨୦ | ୦.୧୦୦ | ଗୋଡ଼ା ଦୁଇ | ଭଗବାନ କିସାନ, କୁମୁଦ କିସାନ, ପି: କାଶୀ କିସାନ, କଷ୍ଟ କିସାନ, ବିଷ କିସାନ, ପି: ବୁଟା କିସାନ, ଜା: କିସାନ, ବା: ନିଜଗାଁ |
| | | ୫୦ | ୬୯୬ସ୍ମ | ୦.୩୨୦ | ୦.୧୮୦ | ଗୋଡ଼ା ଦୁଇ | ଭିକ ନାଏକ, ଯୋଗୀ ନାଏକ, ଭୁବନ ନାଏକ, ପି: ଅନାମୁ ନାଏକ, ଜା: ପାଣ, ବା: ନିଜଗାଁ |
| | | ୫୫ | ୩୪୩ସ୍ମ | ୦.୧୯୦ | ୦.୦୧୦ | ମାଳ ସାଧାରଣ/୮ | ରଥି କିସାନ, ପି: କୁଶ କିସାନ, ଜା: କିସାନ, ବା: ନିଜଗାଁ |
| | | | ୩୪୪ସ୍ମ | ୦.୨୨୦ | ୦.୦୬୦ | ମାଳ ସାଧାରଣ/୪ | |
| | | ୫୬ | ୨୧୬ସ୍ମ | ୦.୨୯୦ | ୦.୨୧୦ | ମାଳ ସାଧାରଣ/୯ | ରବି ପାଣ, କଷ୍ଟ ପାଣ, ପି: ବାଞ୍ଛା ପାଣ, ଡମଣୀ ପାଣ, ସ୍ୱା: ବାଞ୍ଛା ପାଣ, ହୃଦା ପାଣ, ବି: ବକୁଳି ପାଣ, ହିମା ପାଣ, ଜୟନ୍ତି ପାଣ, ଚମ୍ପା ପାଣ, ପି: ଗୋବର୍ଦ୍ଧନ ପାଣ, ନଳିନୀ ପାଣ, ସ୍ୱା: ଗୋବର୍ଦ୍ଧନ ପାଣ, ଜା: ପାଣ, ବା: କଳା |
| | | | ୨୧୭ | ୦.୩୨୦ | ୦.୩୨୦ | ମାଳ ସାଧାରଣ/୧୦ | |
| | | ୫୭ | ୩୧୪ସ୍ମ | ୦.୨୯୦ | ୦.୨୪୦ | ମାଳ ସାଧାରଣ/୪ | ରାମ କିସାନ, ପି: ଘାସି କିସାନ, ଜା: କିସାନ, ବା: ନିଜଗାଁ |
| | | | ୩୨୫ | ୦.୦୬୦ | ୦.୦୬୦ | ମାଳ ସାଧାରଣ | |
| | | | ୩୨୬ | ୦.୦୨୦ | ୦.୦୨୦ | ମାଳ ସାଧାରଣ | |
| | | | ୩୨୯ | ୦.୦୨୦ | ୦.୦୨୦ | ମାଳ ସାଧାରଣ | |
| | | ୬୦ | ୪୧୭ସ୍ମ | ୦.୦୯୦ | ୦.୦୫୦ | ଆଡ଼ି | ରାମ କିସାନ, ଚୁଳି କିସାନ, ନାଗା କିସାନ, ଗୋବିନ୍ଦ କିସାନ, ପି: ଘାସି କିସାନ, ବୁଟୁ କିସାନ, ପି: ଗଙ୍ଗା କିସାନ, କହ୍ନେଇ କିସାନ, ଗାଧୁ କିସାନ, ପି: ଗୋବର୍ଦ୍ଧନ କିସାନ, ଜା: କିସାନ, ବା: ନିଜଗାଁ |
| | | ୭୦/୧୧ | ୬୦୬ | ୦.୧୫୦ | ୦.୧୫୦ | ଗୋଡ଼ା ଦୁଇ | ଅର୍ଜୁନ ମୋହନ କିସାନ, ଦିର୍ଘ୍ୟ କିସାନ, ଅନାଦୀ କିସାନ, ସପନ କିସାନ, ପି: ଇନ୍ଦ୍ର କିସାନ, ଜା: କିସାନ, ବା: ନିଜଗାଁ |
| | | ୭୦/୧୩ | ୩୪୬ସ୍ମ | ୦.୪୦୦ | ୦.୨୨୦ | ମାଳ ସାଧାରଣ | ନିରଞ୍ଜନ ମାହାନ୍ତ, ପି: ଶତୃଘନ ମାହାନ୍ତ, ଜା: ମାହାନ୍ତ, ବା: ଖଡ଼ିଆଳି |
| | | | ୩୪୭ | ୦.୦୨୦ | ୦.୦୨୦ | ମାଳ ସାଧାରଣ | |
| | | ୭୦/୬୭ | ୫୯୫ସ୍ମ | ୦.୬୨୦ | ୦.୧୦୦ | ଗୋଡ଼ା ଦୁଇ | ତେଜରାଜ ପ୍ରଧାନ, ପି: ତିଲେଶ୍ୱର ପ୍ରଧାନ, ଜା: ଥୋରିଆ, ବା: ନିଜଗାଁ |
| | | ୭୦/୭୯ | ୫୯୪ସ୍ମ | ୦.୬୧୦ | ୦.୦୨୦ | ଗୋଡ଼ା ଦୁଇ | ତ୍ରିଲୋଚନ ପ୍ରଧାନ, ପି: ତିଲେଶ୍ୱର ପ୍ରଧାନ, ଜା: ଥୁରିଆ, ବା: ନିଜଗାଁ |
| | | ୭୦/୮୫ | ୫୯୯ସ୍ମ | ୦.୧୩୦ | ୦.୦୪୦ | ଘରବାରି | ସସ୍ମିତା ପ୍ରଧାନ, ସ୍ୱା: ତେଜରାଜ ପ୍ରଧାନ, ଜା: ଥୋରିଆ, ବା: ନିଜଗାଁ |
| ମୋଟ | | | | ୧୭.୧୯୦ | ୧୦.୬୧୦ | | |

24010/14/0013/1920

ପ୍ରଥମ ପୃଷ୍ଠାରୁ...

## ୭ ସହର ଅତି ...

ନିରଞ୍ଜନ ପୂଜାରୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ସରକାରୀ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଗୃହ କମିଟିର କୋ-ଅପ୍ଟେଡ୍ ସଦସ୍ୟ ଅରୂପ ପଟ୍ଟନାୟକ ଏବଂ ସ୍ୱୟଂ ପ୍ରକାଶ ରାଉତ, ଜଙ୍ଗଲ ଓ ପରିବେଶ ବିଭାଗ ପ୍ରମୁଖ ଶାସନ ସଚିବ ମୋନା ଶର୍ମା, ସ୍ୱତନ୍ତ୍ର ଶାସନ ସଚିବ ଦେବୀଦତ୍ତ ବିଶ୍ୱାଳ, ବିଧାନସଭା ସଚିବ ଦାଶରଥୀ ଶତପଥୀଙ୍କ ସମେତ ଜଙ୍ଗଲ ଓ ପରିବେଶ ବିଭାଗର ବରିଷ୍ଠ ପଦାଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

**ODISHA HYDRO POWER CORPORATION LTD.**
OHPC
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
At: P.O.: BARINIPUT: DIST. KORAPUT – 764006
PHONE: (06854) 242001 FAX: - (06854) 242038
e-mail: sgmel_ukhep@ohpcltd.com
No. CAD-538

No. OHPC: SGM: UKHEP: Tech:/ /Dated, Bariniput the

**NOTICE INVITING TENDER No. 21 /2019-20 date: 05.11.2019**

Sealed Tenders are invited in sealed envelopes from the reputed firms for "Repair & Rewinding of 2 Nos 250HP Cooling Water Pump's Motor of UKHEP, Bariniput, Dist: Koraput, Odisha"

| Sl. No. | Description of materials | Cost of tender paper | EMD in Rs. |
|---|---|---|---|
| 1 | "Repair & Rewinding of 2 Nos 250HP Cooling Water Pump's Motor of UKHEP, Bariniput, Dist: Koraput, Odisha" | Rs. 708/- (Rs.600/- + 18%GST) | @ 1% of quoted value |

Sale of tender paper: - From 14.11.2019 to 13:00 Hrs. of 29.11.2019.
Last date of submission of tender – 16:00 Hrs. of 29.11.2019
Date & Time of opening of tender – 16:30 Hrs. of 29.11.2019

For details of the tender documents, terms and conditions please visit our website www.ohpcltd.com

C & P Head
UKHEP, Bariniput.

04002/11/0037/1920

**OFFICE OF THE PRINCIPAL GOVERNMENT POLYTECHNIC, NAYAGARH**

At-Ghasadeipur, Po-Nandighore, Ps-Odagaon, Dist-Nayagarh, Pin-752081, E-Mail ID: - principalgpnayagarh@gmail.com, website-www.governmentpolytechnicnayagarh.org

**TENDER CALL NOTICE**

**No. 1151** **Date: 05/11/2019**

Sealed tenders are invited from reputed registered Manpower Service Providers/Security Agencies & having related experience for providing Manpower Services/Security Guards on outsourcing basis for day to day official work, watch and ward duties at Government Polytechnic, Nayagarh.

The Tender document containing all the details for deployment of Manpower & Security guards can be downloaded from the official website of this Institution www.governmentpolytechnicnayagarh.org. The undersigned reserves the right to accept or to reject any or all bids without assigning any reason thereof.

The last date and time of receipt of Tender Document by Regd. Post or Speed post is on dtd. 27/11/2019 by 5.00 P.M.

Sd./- Principal,
Government Polytechnic,
Nayagarh

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**KALAHANDI (R&B) DIVISION BHAWANIPATNA**
E-mail.eekalahandi@gmail.com
FAX No.06670-230512, Cell No. 9437050413

No.B-271 :- **E-Procurement Notice**
**Bid Identification No. BC KLD- 09/2019-20**
**No.9071** **Dated:02.11.2019**

| | | | |
|---|---|---|---|
| 1 | Name of the work | : | 01(One) No. of Building works & 02 (Nos) of Roads Works. |
| 2 | Estimated cost | : | Rs. 22.30 lakhs to Rs. 70.00 lakhs |
| 3 | Period of completion | : | 02 (Two) Calendar Months. |
| 4 | Date and time of availability of bid document in the portal | : | 11.00 hour of 13.11.2019 to 17.00 hours of 21.11.2019 |
| 5 | Last date/Time for receipt of bid in the portal | : | 17.00 hour of 23.11.2019 |
| 6 | Name and address of the Officer Inviting Bid | : | Executive Engineer, Kalahandi (R&B) Division, Bhawanipatna |
| 7 | Date & Venue of Opening of the Single & Double Cover Bid and Technical Bid (Cover 1) of Double cover Bid. | : | On 22.11.2019 at 11.00 AM in the Office of the Executive Engineer, Kalahandi (R&B)Division, Bhawanipatna |

Further details can be seen from the e-procurement portal **https://tendersorissa.gov.in**

Sd./- (Er. A.K.Babu)
Executive Engineer
Kalahandi (R&B) Division

34017/11/0004/1920

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**
**ACADEMY OF TRIBAL LANGUAGES & CULTURE**
(ST & SC Development Department, Govt. of Odisha)
Adivasi Exhibition Ground, Unit- 1, Bhubaneswar- 751009
Tele. /Fax-0674-2597821, Email- atlcbbsr_08@yahoo.com
No. 936/ATLC., Bhubaneswar Date 05.11.2019

**EXPRESSION OF INTEREST**

**No. V-51:** Academy of Tribal Languages and Culture (ATLC) on behalf of ST & SC Development Department, invites Expression of Interest (EOI) to organize **"Adivasi Mela-2020"** from **26th January to 9th February 2020** at IDCO Exhibition Ground, Unit-III, Bhubaneswar. Interested Event Management Agencies having required eligibility and experience as per ToR may apply on or before **22.11.2019 by 1.00 P.M** to the undersigned in the Drop Box of ATLC, Unit- I, Bhubaneswar. The offers should be submitted in three separate Bids i.e. **Technical Bid with required documents, Concept Based Design and Financial Bid**. The covers containing Technical Bids, Designs and Financial Bids will be sealed and **superscribed** in bold letters, **"Technical Bid, Design and Financial Bid for Adivasi Mela-2020"**. The details of different activities to be undertaken including eligibility criteria etc. (ToR) is available in the official website of ST & SC Development Department **("www.stscodisha.gov.in) & ATLC Website (www.atlcodisha.org")**, which can also be obtained physically from the office of ATLC, Adivasi Exhibition Ground, Unit-1, Bhubaneswar on any working day between **11.00 A.M to 4.00 P.M on or before 21.11.2019.**

The Technical Bids will be opened at **5.30 P.M on 22.11.2019** and the designs of those technically qualified Bidders only will be opened next. The designs of the qualified agencies for **"Adivasi Mela-2020"** will be examined by the Designated Committee and there will be a Power-point presentation before the Committee for selection of the **Concept Based Designs**. After selection and shortlisting of the Designs, the Financial Bids of the shortlisted agencies only will be opened in presence of the Quotationers or their authorized representatives. There will be a Pre-Bid meeting on **15.11.2019 at 4.30 PM** in the office of the ATLC. For clarification, if any the quotationers may contact the OSD, ATLC during office hours on any working day upto **21.11.2019**.

The EOI received incomplete or beyond the prescribed dateline will be liable for rejection.

The Authority reserves the right to reject any or all offers without assigning any reason thereof.

*Sd./- Member Secretary, ATLC*

26011/11/0003/1920

ଧରିତ୍ରୀ
DHARITRI



## ସଂକ୍ଷେପରେ

### ସଡ଼କ ସୁରକ୍ଷା କମିଟି ବୈଠକ

ଶେରଗଡ,୫।୧୧(ଡି.ଏନ୍.ଏ.)- ଶେରଗଡ ବ୍ଲକସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଡ.ଦୟାସିନ୍ଧୁ ପରିଡା ଅଧ୍ୟକ୍ଷତା କରିଥିବାବେଳେ ଶେରଗଡ ଏବିଡିଓ ଧରଣୀଧର ଭୂୟାଁ ସଂଯୋଜନା କରିଥିଲେ। ଶେରଗଡ ବଜାରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବଢୁଛି। ବ୍ୟବସାୟୀମାନେ ନିଜ ଦୋକାନ ସମ୍ମୁଖରେ ଗାଡି ରଖି ରାସ୍ତା ଅବରୋଧ କରିବାକୁ ବାରଣ କରାଯିବ। ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟ ଛାତ୍ରୀଛାତ୍ର ରାସ୍ତା ପାର ହେବାବେଳେ ଯେଭଳି ସାବଧାନତା ଅବଲମ୍ବନ କରିବେ ଦୃଷ୍ଟି ଦେବାକୁ କୁହାଯାଇଥିଲା। ବ୍ଲକ ସ୍ତରୀୟ କମିଟି ପକ୍ଷରୁ ସରକାରୀ ଅଧିକାରୀମାନେ ଗାଡିମୋଟର ଯାଞ୍ଚ କରିବେ। ବୈଠକରେ ସିଡିପିଓ ଜୟନ୍ତୀ ପାଟଫିଙ୍ଗୁଆ, ଫରେଷ୍ଟର ଶୁଭଶ୍ରୀ ଶତପଥୀଙ୍କ ସମେତ ସମସ୍ତ ସଭ୍ୟ ଯୋଗ ଦେଇଥିଲେ।

### ଦୁର୍ନୀତି ନିବାରଣ କର୍ମଶାଳା

ବୁଗୁଡା,୫।୧୧(ଡି.ଏନ.ଏ.)- ସ୍ଥାନୀୟ ନିୟୁଏରା ପବ୍ଲିକ ସ୍କୁଲରେ ଭାରତୀୟ ତୈଳ ନିଗମ ପକ୍ଷରୁ ଦୁର୍ନୀତି ନିବାରଣ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ପରିଡ଼ା ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ନିଗମର ମୁଖ୍ୟ ନିର୍ମାଣ ପରିଚାଳକ ତାରକେଶ୍ୱର ଲାଲ, ସହ ପରିଚାଳକ ସୁରଜିତ ମିଶ୍ର, ନିର୍ମାଣ ଯନ୍ତ୍ରୀ ଗୁଲସନ କୁମାର ସାହୁ, ସହକାରୀ ଯନ୍ତ୍ରୀ ଗଙ୍ଗାଧର ପରିଡ଼ା ଓ ସ୍କୁଲ ସମ୍ପାଦକ ଅନିଲ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ପ୍ରତ୍ୟେକ କ୍ଷେତ୍ରରେ ଦୁର୍ନୀତି ନିବାରଣ କିପରି ହୋଇପାରିବ ଆଲୋକପାତ କରି ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ବାବୁନା ସାହୁ, ପ୍ରତୀକ୍ଷା ଦାଶ ଓ ତମନ୍ନା ପଟ୍ଟନାୟକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ଉର୍ମିଳା ମହାନ୍ତି ଓ ଆଦିତ୍ୟ ପରିଡ଼ା ଏବଂ ପ୍ରବନ୍ଧ ପ୍ରତିଯୋଗିତାରେ ମଧୁସ୍ମିତା ପାତ୍ର, ଲିଜାରାଣୀ ସାହୁ ଓ ସନ୍ଦିପ୍ତା ପାତ୍ର ପ୍ରମୁଖ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

### ଉପଜିଲାପାଳଙ୍କ ଆହାର କେନ୍ଦ୍ର ପରିଦର୍ଶନ

ଗୋପାଳପୁର,୫।୧୧-ଗୋପାଳପୁର ବିଜ୍ଞାପିତ ଅଞ୍ଚଳରେ ଥିବା ଆହାର କେନ୍ଦ୍ରକୁ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ ମଙ୍ଗଳବାର ଅଚାନକ ଗସ୍ତ କରିଥିଲେ। ମଧ୍ୟାହ୍ନରେ ଉପଜିଲାପାଳ ଆହାର କେନ୍ଦ୍ରରେ ପହଞ୍ଚି ଲୋକଙ୍କୁ ପ୍ରଦାନ କରାଯାଉଥିବା ଖାଦ୍ୟର ମାନ ପରୀକ୍ଷା କରିବା ସହ କର୍ମଚାରୀ ଓ ସ୍ୱଚ୍ଛତା ଉପରେ ପଚାରି ବୁଝିଥିଲେ। ଉଚ୍ଚମାନର ଖାଦ୍ୟ ଲୋକଙ୍କୁ ପ୍ରଦାନ ଏବଂ ଆହାର କେନ୍ଦ୍ର ପରିସର ସଫା ସୁତୁରା ରଖିବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହ ଆହାର କେନ୍ଦ୍ର ସମ୍ମୁଖରେ ଗାଡ଼ି ପାର୍କିଂ ନ କରିବାକୁସ ନିର୍ଦ୍ଦେଶ ଦେଇଥିଲେ। ଆହାର କେନ୍ଦ୍ରରେ ପ୍ରତିଦିନ ୩୦୦ ଲୋକଙ୍କୁ ଖାଦ୍ୟ ପ୍ରଦାନ କରାଯାଉଛି।

# ଗଞ୍ଜାମ ଜିଲାରେ ୧୫ରୁ ଧାନକିଣା

**ଛତ୍ରପୁର,୫।୧୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ଧାନକ୍ରୟ କମିଟି ବୈଠକ ମଙ୍ଗଳବାର ଛତ୍ରପୁରସ୍ଥିତ ଋଷିକୁଲ୍ୟା ସମ୍ମିଳନୀ ଗୃହରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୫ ତାରିଖରୁ ଜିଲାରେ ଚାଷୀଙ୍କଠାରୁ ଧାନ କିଣାଯିବ। ପୂର୍ବରୁ ପ୍ରାଥମିକ ସେବା ସମବାୟ ସମିତିଗୁଡିକ ଚାଷୀଙ୍କଠାରୁ ଧାନ କିଣୁଥିଲେ। ଚଳିତବର୍ଷ ସୋସାଇଟି ଏବଂ ୫୫ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍ଏଚଜି )କୁ ଏହି ଦାୟିତ୍ୱ ଦିଆଯାଇଛି। ଏସ୍ଏଚଜିର ସଦସ୍ୟାଙ୍କୁ ଏଥିପାଇଁ ପ୍ରଥମସ୍ତର ତାଲିମ ଦିଆଯାଇଥିବା ବେଳେ ଆହୁରି ୨ଟି ସ୍ତରରେ ମଧ୍ୟ ତାଲିମ ଦିଆଯିବ। ଶୃଙ୍ଖଳିତ ଭାବେ କିଭଳି ଧାନ କିଣାଯିବା ସହ ୨୪ ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର ହେବ ତାହା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ।



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

- ୨୪ ଘଣ୍ଟା ମଧ୍ୟରେ ଚାଷୀଙ୍କୁ ମିଳିବ ପ୍ରାପ୍ୟ
- ପଞ୍ଜୀକୃତ ହୋଇଛନ୍ତି ୧.୩୪ ଲକ୍ଷ ଚାଷୀ
- ୧୭,୬୦୬ ଭାଗ ଚାଷୀ ବିକିପାରିବେ

ଚଳିତବର୍ଷ ଧାନ ବିକ୍ରିପାଇଁ ଜିଲାର ୧ଲକ୍ଷ ୩୪ ହଜାର ୪୯୬ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ସାଧାରଣ ଧାନ କୁଇଣ୍ଟାଲ ପିଛା ୧,୮୧୫ ଟଙ୍କା ଓ ଏ-ଗ୍ରେଡ୍ ଧାନ ୧,୮୩୫ ଟଙ୍କା ସରକାରୀ ଦର ଧାର୍ଯ୍ୟ ହୋଇଛି। ଧାନବିକ୍ରି ପାଇଁ ଚାଷୀ ଆଧାର କାର୍ଡ ଲିଙ୍କ୍ ବାଧ୍ୟତାମୂଳକ କରାଯାଇଛି। ବର୍ତ୍ତମାନ ୧ ଲକ୍ଷ ୨୮ ହଜାର ଚାଷୀ ଆଧାର ଲିଙ୍କ୍ କରିସାରିଛନ୍ତି। ଆଉ ୯ ହଜାର ଚାଷୀଙ୍କ ଆଧାର ଲିଙ୍କ୍ କରିବାକୁ ବାକି ରହିଛି। ସପ୍ତାହକ ମଧ୍ୟରେ ଏହା ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ୧୭ ହଜାର ୬୦୬ ଭାଗଚାଷୀ ମଧ୍ୟ ଧାନ ବିକ୍ରି କରିପାରିବେ। ମହିଳା ସଂଘ ଧାନ କିଣିବା ପାଇଁ ଆର୍ଏମସି କ୍ୱାଲିଟି ଟେଷ୍ଟିଂ ମେଶିନ୍ ଓ ମିଶନ ଶକ୍ତି ଅନ୍ୟାନ୍ୟ ଆବଶ୍ୟକୀୟ ଉପକରଣ ଯୋଗାଇ ଦେବ। ଜିଲାସ୍ତରରେ ଓ ଉପଜିଲାପାଳଙ୍କ ସ୍ତରରେ ଏହାର ମନିଟରିଂ ପାଇଁ ଫ୍ଲାଇଂ ସ୍କ୍ୱାର୍ଡ ଗଠନ ହେବ। ଧାନକିଣା ସମୟରେ ଜିଲାପାଳଙ୍କ ବିନା ଅନୁମତିରେ ଏମ୍ଆଇ ଓ ସୋସାଇଟି ସମ୍ପାଦକ ଛୁଟିରେ ଯାଇପାରିବେ ନାହିଁ। ଚଳିତବର୍ଷ ୧ ଲକ୍ଷ ୭୩ ହଜାର ୮୦୦ କୁଇଣ୍ଟାଲ ଚାଉଳ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଥିବା ସୂଚନା ମିଳିଛି। ବୈଠକରେ ଜିଲାପରିଷଦ ଅଧ୍ୟକ୍ଷା ସୋନମ ପଲେଇ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତାତ୍ରୟ ଭାଉସାହେବ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ, ଜିଲା ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ସୁପକାରଙ୍କ ସମେତ ସମବାୟ ଓ ଯୋଗାଣ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

STEWART SCHOOL, BHUBANESWAR
UNIT- VIII, CRP Square, BHUBANESWAR-751012
(Affiliated to the Council for Indian School Certificate Examinations, New Delhi)
Ph. No.- 8480743569, 8093474811
Email: stewartbbsr@gmail.com, Website: www.stewartschoolbbsr.in
ADMISSION OPEN
For Pre-Nursery, Nursery, Preparatory and Std. I to IX for the Academic Session 2020 - 2021
Application Forms may be downloaded from the School website and to be submitted along with a Bank Challan of Rs.500/- at Office of the Principal.
Last Days for submission of Application forms:
For Pre-Nursery, Nursery & Preparatory : 25.11.2019
For Class I to Class V : 27.11.2019
For Class VI to Class IX : 30.11.2019
Sd./- Principal

■ ଏସ୍ପି, ଜିଲାପାଳଙ୍କ ନିର୍ଦ୍ଦେଶ

# ଦୁର୍ଘଟଣାର ଦେଢ଼ବର୍ଷ ପରେ ଥାନାରେ ମାମଲା

**ହିଞ୍ଜିଳିକାଟୁ,୫।୧୧(ଡି.ଏନ୍.ଏ.)**

୨୦୧୮ ଏପ୍ରିଲ ୨୪ ତାରିଖରେ ଟ୍ରାକ୍ଟର ଧକ୍କାରେ ହିଞ୍ଜିଳି ଥାନା ବୁରୁପଡ଼ାର ବବୁଲୁ ନାହାକ ଗୁରୁତର ହୋଇଥିଲେ। ତାଙ୍କୁ ହିଞ୍ଜିଳି, ବ୍ରହ୍ମପୁର ବଡ଼ ମେଡିକାଲ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହାକୁ ରଫାଦଫା କରିବା ପାଇଁ ଗାଡ଼ି ମାଲିକ ଓ ଦୁର୍ଘଟଣାଗ୍ରସ୍ତ ପରିବାରଙ୍କ ମଧ୍ୟରେ ବୁଝାମଣା ହୋଇଥିଲା। ତେଣୁ ଏ ନେଇ ଥାନାରେ କୌଣସି ମାମଲା ହୋଇ ନ ଥିଲା। ପରେ ୨୦୧୮ ଜୁନ ୬ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ବବୁଲୁଙ୍କ ମୃତ୍ୟୁ ଘଟିଥିଲା। ମୃତକ ପରିବାର ଗାଡ଼ି ମାଲିକଙ୍କୁ କ୍ଷତିପୂରଣ ଦାବି କରିଥିଲେ। କିନ୍ତୁ ଗାଡ଼ି ମାଲିକ ମନା କରିବାରୁ ଗଞ୍ଜାମ ଏସ୍ପି ଓ ଜିଲାପାଳଙ୍କ ନିର୍ଦ୍ଦେଶରେ ରବିବାର ରାତିରେ ହଞ୍ଜିଳି ଥାନାରେ ମୃତକଙ୍କ ମା' କାମିନି ନାହାକ ନଂ.୩୧୦/୧୯ରେ ମାମଲା ରୁଜୁ କରିଥିବା ଆଇଆଇସି ଅଭିମନ୍ୟୁ ଦାଶ କହିଛନ୍ତି।

■ ଜିଲା ମିନେରାଲ ଫାଉଣ୍ଡେଶନ ଟ୍ରଷ୍ଟ ବୈଠକ

# ୧୨.୧୭ କୋଟି ଖର୍ଚ୍ଚ ନେଇ ପ୍ରକଳ୍ପ ଚୂଡ଼ାନ୍ତ

**ଛତ୍ରପୁର,୫।୧୧(ଡି.ଏନ.ଏ)**

ଗଞ୍ଜାମ ଜିଲା ମିନେରାଲ ଫାଉଣ୍ଡେଶନ ଟ୍ରଷ୍ଟର ଏକ ବୈଠକ ମଙ୍ଗଳବାର ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ। ଚଳିତ ବର୍ଷ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ବାଲି, ପଥର ଖଣି ଏବଂ ମିନେରାଲର ରୟାଲଟି ବାବଦରେ ୧୬ କୋଟି ୭୫ ଲକ୍ଷ ୧୪ ହଜାର ୩୩୯ ଟଙ୍କା ଆଦାୟ ହୋଇଛି। ଉକ୍ତ ଅର୍ଥରେ ଜିଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଅଙ୍ଗନୱାଡି କେନ୍ଦ୍ରର ଉନ୍ନତି କାର୍ଯ୍ୟ ତ୍ୱରାନ୍ୱିତ ହେବ। ଏହି ଅର୍ଥ ମଧ୍ୟରୁ ୪୭ଟି ପ୍ରକଳ୍ପ ତ୍ୱରାନ୍ୱିତ ପାଇଁ ୧୨ କୋଟି ୧୭ ଲକ୍ଷ ୪ ହଜାର ଟଙ୍କା ଖର୍ଚ୍ଚ କରିବାକୁ ଚୂଡ଼ାନ୍ତ ହୋଇଛି। ସିଟି ହସ୍ପିଟାଲ ପାଇଁ ୨ କୋଟି ୪୬ ଲକ୍ଷ ଟଙ୍କା, ଛତ୍ରପୁର ହସ୍ପିଟାଲ ପାଇଁ ୧ କୋଟି ୭୬ ଲକ୍ଷ ୫୦ ହଜାର ଟଙ୍କା, ୧୦ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ୩୪ ଲକ୍ଷ ଟଙ୍କା, ସ୍କୁଲଗୁଡ଼ିକର ବିଦ୍ୟୁତୀକରଣ ପାଇଁ ୨ କୋଟି ୮୪ ଲକ୍ଷ ଟଙ୍କା, ପାନୀୟଜଳ ପ୍ରକଳ୍ପ ପାଇଁ ୬୭ କୋଟି ୫୪ ଲକ୍ଷ ଟଙ୍କା, ୨୪୦୦ ଅଙ୍ଗନୱାଡି କେନ୍ଦ୍ରର ବିକାଶ ପାଇଁ ୩ କୋଟି ୧୫ ଲକ୍ଷ ଟଙ୍କା ଏବଂ ୪୨ ସ୍କୁଲର ବିକାଶ ପାଇଁ ୯୪ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଅନସ୍ଲୋ ହାଇସ୍କୁଲରେ ୧ ହଜାର ଆସନ ବିଶିଷ୍ଟ ସମ୍ମିଳନୀ ଗୃହ ନିର୍ମାଣ ଉପରେ ବ୍ଲକ ଅଧ୍ୟକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଡିଆରଡିଏ ପିଡି ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ବ୍ଲକ ଅଧ୍ୟକ୍ଷ ରେଡ୍ଡୀ, ସମିତିସଭ୍ୟା ରଶ୍ମିତା ବେହେରା, ଜିଲାପରିଷଦ ସଭ୍ୟା ଏ. ସୀତାମ୍ମା, ପୋଡାପଦର ସରପଞ୍ଚ ପୀତାମ୍ବର ପଣ୍ଡା, ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ ପାଣିଗ୍ରାହୀ, ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡାଙ୍କ ସମେତ କମିଟି ସଦସ୍ୟ ଉପସ୍ଥିତ ଥିଲେ।

# ଆକ୍ରମଣ ମାମଲା, ଅଭିଯୁକ୍ତଙ୍କୁ ବର୍ଷେ ଜେଲ

**ଦିଗପହଣ୍ଡି, ୫।୧୧ (ଡି.ଏନ୍.ଏ.)**

ଗଞ୍ଜାମ ଜିଲା ସାନଖେମୁଣ୍ଡି ଗ୍ରାମ୍ୟ ନ୍ୟାୟାଳୟର ମାଜିଷ୍ଟ୍ରେଟ ବିଷ୍ଣୁ ପ୍ରସାଦ ଦେବତା ଜିଆର୍ କେସ୍ ନଂ.୮୩/୨୦୧୦ରେ ଶୁଣାଣି କରି ପାଟପୁର ଥାନା ସିଙ୍ଗପୁର ଗ୍ରାମର ଏକ ଆକ୍ରମଣ ମାମଲାରେ ଅଭିଯୁକ୍ତଙ୍କୁ ୧ ବର୍ଷ ସଶ୍ରମ କାରାଦଣ୍ଡ ସହ ହଜାରେ ଟଙ୍କା ଜରିମାନା ଶୁଣାଇଛନ୍ତି। ସେ ହେଲେ ଥିବା ବିଜୟ ନାୟକ। ଜରିମାନା ଅନାଦାୟ ଅଧିକ ୧ ମାସ ଜେଲ ଦଣ୍ଡ ଭୋଗିବେ। ୨୦୧୦ ମାର୍ଚ୍ଚ ୧୭ରେ ସିଙ୍ଗପୁର ଗ୍ରାମର ପଞ୍ଚାନନ ନାୟକ ଘର ବାରଣ୍ଡାରେ ବସିଥିବାବେଳେ ଅଭିଯୁକ୍ତ ବିଜୟ କାତିରେ ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ନଂ.୨୧/୧୦ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଥିଲେ। ତଦନ୍ତକାରୀ ପୋଲିସ ଅଧିକାରୀ ଏଏସ୍ଆଇ ଯୋଗେଶ୍ୱର ନାୟକ ଚାର୍ଜସିଟ ପ୍ରଦାନ କରିଥିଲେ। ୮ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଭିଯୁକ୍ତଙ୍କ ବିରୋଧରେ ଆବଶ୍ୟକ ପ୍ରମାଣ ମିଳିବାରୁ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ସତ୍ୟନାରାୟଣ ରଥ ଓ ଦୀପକ କୁମାର ସେଠୀ ମାମଲା ପରିଚାଳନା କରୁଥିଲେ।

# ତହସିଲଦାରଙ୍କୁ ଭେଟିଲେ ବାସହୀନ ମହିଳା


ମହିଳାମାନେ ତହସିଲଦାରଙ୍କୁ ଭେଟୁଛନ୍ତି।

**ଶେରଗଡ଼,୫।୧୧ (ଡି.ଏନ୍.ଏ.)**

ଶେରଗଡ ଗ୍ରାମର ୨୦ରୁ ଊର୍ଦ୍ଧ୍ୱ ବାସହୀନ ମହିଳା ସରକାରୀ ଜାଗା ସହ ଘର ଯୋଗାଇଦେବାକୁ ମଙ୍ଗଳବାର ଶେରଗଡ ତହସିଲଦାରଙ୍କୁ ଦାବି କରିଛନ୍ତି। ତହିସିଲଦାର ଡ.ଦୟାସିନ୍ଧୁ ପରିଡାଙ୍କୁ ତାଙ୍କ ପ୍ରକୋଷ୍ଠରେ ଭେଟି ଗୁହାରି ଜଣାଇଥିଲେ। ସେମାନଙ୍କ ଅଭିଯୋଗ, ଆମର ନିଜସ୍ୱ ଘର ନାହିଁ, ମୂଳ ପରିବାରଠାରୁ ବହୁବର୍ଷ ହେଲଣି ଅଲଗା ହୋଇ ରହୁଛି। ଜାଗା କିଣିବା ଆମପକ୍ଷେ ସମ୍ଭବ ନୁହେଁ। ଏଣୁ ସରକାର ଜାଗା ପ୍ରଦାନକଲେ ସରକାରୀ ସହାୟତା ମିଳନ୍ତା। ତହସିଲଦାର ପରିଡା କହିଛନ୍ତି ଯେ, ଶେରଗଡ ପଞ୍ଚାୟତରେ ସରକାରୀ ଜାଗାର ଅଭାବ ରହିଛି, ଅନ୍ୟ କେଉଁଠାରେ କହିଲେ ଜାଗା ପ୍ରଦାନ କରିପାରିବୁ ବୋଲି କହିଥିଲେ।




# ବାଇକ୍ ଦୁର୍ଘଟଣା, ୨ ଗୁରୁତର

**ଗୋପାଳପୁର,୫।୧୧**

ଡିଭାଇଡରକୁ ଏକ ବାଇକ୍ ଟକ୍କା ଦେବା ଫଳରେ ମଙ୍ଗଳବାର ଗୋପାଳପୁର ଥାନା ବଡ଼କୁଶସ୍ଥଳୀ ଗ୍ରାମର ୨ଜଣ ଯୁବକ ଗୁରୁତର ହୋଇଛନ୍ତି। ସେମାନେ ହେଲେ କୈଳାସ ଗୌଡ଼ ଓ ପିଣ୍ଟୁ ଜେନା। କୈଳାସ ଓ ପିଣ୍ଟ ବାଇକ୍ ଯୋଗେ ଜଗନ୍ନାଥପୁର ଅଭିମୁଖେ ଯାଉଥିବା ବେଳେ ଅପରାହ୍ନରେ ୧୬ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଥିବା ପୋକଡ଼ିବନ୍ଧ ଜଙ୍କସନ ନିକଟରେ ଡିଭାଇଡ଼ରକୁ ଧକ୍କା ଦେଇ ଆହତ ହୋଇଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଫାଣ୍ଡି ପୋଲିସ ଓ ସ୍ଥାନୀୟ ଲୋକ ଗୁରୁତରଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛି। ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

# ପଞ୍ଚାୟତ ଅଧିକାରୀ ନିଲମ୍ବିତ

**ପାଟପୁର,୫।୧୧(ଡି.ଏନ.ଏ.)**

ସାନଖେମୁଣ୍ଡି ବ୍ଲକ ସିଙ୍ଗିପୁର ଓ କଂସାମରୀ ପଞ୍ଚାୟତରେ ୪ ଲକ୍ଷ ୪୩ ହଜାର ୨୨୮ ଟଙ୍କାର ଅନିୟମିତତା ଅଭିଯୋଗରେ ଉକ୍ତ ଦୁଇ ପଞ୍ଚାୟତର ନିର୍ବାହୀ ଅଧିକାରୀ ଇସାକ ପ୍ରଧାନଙ୍କୁ ସୋମବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିଲମ୍ବିତ କରିଛନ୍ତି। ତାଙ୍କ ବିରୋଧରେରେ ଧାରା ୪୦୯ ଆଇପିସି ଅନୁସାରେ ପାଟପୁର ଥାନାରେ ଏତଲା ଦେବାକୁ ବିଡିଓ ଗାୟତ୍ରୀ ଦତ୍ତ ନାୟକଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟରେ ଅବହେଳା, ସାଧାରଣ ବଣ୍ଟନ ଦାୟିତ୍ୱ ହସ୍ତାନ୍ତର ନ କରିବା ସହ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକୁ ନମାନିବା ନେଇ ଇସାକଙ୍କୁ ନିଲମ୍ବନ ହୋଇଛନ୍ତି। ଓଡ଼ିଶା ସର୍ଭିସ ରୁଲ କୋଡ଼ ଅନୁସାରେ ତାଙ୍କୁ ୧ ବର୍ଷ ପର୍ଯ୍ୟନ୍ତ ଉପ-ଜିଲାପାଳ କାର୍ଯ୍ୟାଳୟରେ ଅବସ୍ଥାପିତ ହେବାକୁ ନିର୍ଦ୍ଦେଶ ଜାରି ହୋଇଛି।






2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ